

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୭ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 17 July 2024

Vol.No. 35 ■ No.191 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ସେପଟେମ୍ବର ୨୧ରୁ ମିଳିତ ଜାତିସଂଘର ୭୯ତମ ସାଧାରଣ ସଭା: ୨୬ରେ ଅଧିବେଶନକୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୬/୭ : ସେପଟେମ୍ବର ୨୬ରେ ଜାତିସଂଘ ସାଧାରଣ ସଭା ଅଧିବେଶନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବୋଧିତ କରିବେ। ସେପଟେମ୍ବର ୨୧ରୁ ମିଳିତ ଜାତିସଂଘର ୭୯ତମ ସାଧାରଣ ସଭା ବା ୟୁଏନଜିଏ ବୈଠକ ଆରମ୍ଭ ହେବାକୁ ଯାଉଛି। ଯେଉଁଥିରେ ଅନେକ ଦେଶର ମୁଖିଆ ସାମିଲ ହେବାକୁ ଯାଉଛନ୍ତି । ମିଳିତ ଜାତିସଂଘରେ ବିଶ୍ୱର ଶତାଧିକ ନେତା, ନୀତି ନିର୍ଧାରକ, ବିଶେଷଜ୍ଞ ଯୋଗଦେବେ। ୟୁଏନଜିଏର ଉଚ୍ଚସ୍ତରୀୟ ବିତର୍କର ପ୍ରଥମ ଦିନ ସେପଟେମ୍ବର ୨୪ କୁ ରଖାଯାଇଛି । ବ୍ରାଜିଲ ପାରମ୍ପରିକ ଭାବରେ ବିତର୍କର ପ୍ରଥମ ବକ୍ତା । ଏହାପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଜାତିସଂଘକୁ ସମ୍ବୋଧିତ କରିବେ। ମିଳିତ ଜାତିସଂଘ ପକ୍ଷରୁ ପ୍ରକାଶିତ ସ୍ପିକର ତାଲିକା ଅନୁଯାୟୀ, ସେପଟେମ୍ବର ୨୬ରେ ପ୍ରଧାନମନ୍ତ୍ରୀ ମୋଦୀ ଜାତିସଂଘ ସାଧାରଣ ପରିଷଦର ଉଚ୍ଚସ୍ତରୀୟ ଅଧିବେଶନକୁ ସମ୍ବୋଧିତ କରିବେ। ସେପଟେମ୍ବର ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ଉଚ୍ଚସ୍ତରୀୟ ସାଧାରଣ ବିତର୍କ ଅନୁଷ୍ଠିତ ହେବ। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ବିତର୍କ ପୂର୍ବରୁ ନିଜର ରିପୋର୍ଟ ଉପସ୍ଥାପନ କରିବେ। ଏହା ପରେ ଆରମ୍ଭ ହେବ ବିତର୍କ । ଏହା ପୂର୍ବରୁ ୨୦୨୧ରେ ପ୍ରଧାନମନ୍ତ୍ରୀ ମୋଦୀ ସମାବେଶକୁ ସମ୍ବୋଧିତ କରିଥିଲେ। ଯଦିଓ ଏହା ବୃଢ଼ାନ୍ତ ତାଲିକା ନୁହେଁ, ତଥାପି ଜାତିସଂଘ ଉଚ୍ଚସ୍ତରୀୟ ଅଧିବେଶନ ପୂର୍ବରୁ ସ୍ପିକରମାନଙ୍କ ବୃଢ଼ାନ୍ତ ତାଲିକା ପ୍ରକାଶ କରିଥାଏ ।

ଜମ୍ମୁ-କଶ୍ମୀରରେ ଆତଙ୍କୀ ହମଲା: ୫ ଯବାନ ଶହୀଦ

ନୂଆଦିଲ୍ଲୀ, ୧୬/୭ : ଜମ୍ମୁ-କଶ୍ମୀରର ଡୋଡା ଜିଲ୍ଲାରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟରେ ୪ ଯବାନ ଶହୀଦ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ଅଧିକାରୀ ଓ ୩ ଯବାନ ଅଛନ୍ତି। ଆଉ ଜଣେ ଯବାନ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଆତଙ୍କବାଦୀ ସଙ୍ଗଠନ କଶ୍ମୀର ଟାଇଗର୍ସ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈସ- ଇ- ମହମ୍ମଦ ସହ ଏହି ସଙ୍ଗଠନର ସମ୍ପର୍କ ଥିବା ଜଣାଯାଇଛି। ଗତକାଲି ସନ୍ଧ୍ୟାରେ ଡୋଡାର ଦେଶା ଜଙ୍ଗଲରେ କିଛି ଆତଙ୍କୀ ଲୁଚିଥିବା ଖବର ମିଳିଥିଲା। ଏହାପରେ ରାଷ୍ଟ୍ରୀୟ ରାଇଫଲ୍ସ ଓ ଜମ୍ମୁ କାଶ୍ମୀର ସ୍ପେଶାଲ୍ ଅପରେସନ୍ସ ଟିମ୍ ଅପରେସନ୍ ଆରମ୍ଭ କରିଥିଲେ । କିଛି ସମୟ ପରେ ସେଠାରେ ଲୁଚିକି ଥିବା କିଛି ଆତଙ୍କବାଦୀ ଦୌଡ଼ିବାକୁ ଲାଗିଲେ। ଯବାନମାନେ ସେମାନଙ୍କ ପିଛା କରି ରାତିର ଅନ୍ଧକାରରେ ଘଞ୍ଚ ଜଙ୍ଗଲରେ ପ୍ରବେଶ କରିଥିଲେ। ରାତି ପ୍ରାୟ ୯ଟାରେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିବା ବେଳେ ଗୁଳି ବିନିମୟ ହୋଇଥିଲା। ଆତଙ୍କବାଦୀଙ୍କ ଗୁଳିରେ ଜଣେ ଅଧିକାରୀଙ୍କ ସମେତ ୪ ଜଣ ଗୁରୁତର ହୋଇଥିଲେ। ▶▶ପୃଷ୍ଠା ୭

ଆଜି ଶ୍ରୀଜିଉଙ୍କ ସୁନାବେଶ

ପୁରୀ, ୧୬/୭ (ନି.ପ୍ର): ଆଡ଼ପ ମଣ୍ଡପରେ ଲୀଳା ଖେଳା ସାରି ଭାଇ ଭଉଣୀଙ୍କ ସହ ଏବେ ନୀଳକନ୍ଦର ମୁହାଁ ନୀଳାଚଳିଆ। ଆସନ୍ତାକାଲି ଆଷାଢ଼ ଶୁକ୍ଳ ଏକାଦଶୀରେ ବିଶ୍ୱନିୟନ୍ତାଙ୍କ ହେବ ସୁନାବେଶ। ମହଣ ମହଣ ଅଳଙ୍କାରରେ ବିଭୂଷିତ ହୋଇ ରଥ ଉପରେ ଦର୍ଶନ ଦେବେ ଚତୁର୍ଦ୍ଧା ମୂରତି। ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ ଦର୍ଶନ ଲାଗି ପ୍ରାୟ ୧୫ ଲକ୍ଷ ଭକ୍ତଙ୍କ ସମାଗମ ହେବା ଆଶା କରାଯାଉଥିବାରୁ ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥା ଉପରେ ଫୋକସ୍ କରିଛି ପୁଲିସ୍ ପ୍ରଶାସନ। ସକାଳୁ ୩ ରଥ ଉପରେ ଦୈନନ୍ଦିନ ନୀତିକାନ୍ତି ପରେ ଅପରାହ୍ନରେ ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇ ଦର୍ଶନ ଦେବେ ରଥାରୁଢ଼ ୩ ଠାକୁର। ମହାପ୍ରଭୁଙ୍କ ସୁନା ବେଶରେ ବ୍ୟବହୃତ ଅଳଙ୍କାର ସବୁ ଗତ ୧୪ ତାରିଖରେ ଅସ୍ଥାୟୀ ବାହାର ରତ୍ନ ଭଣ୍ଡାରକୁ ସ୍ଥାନାନ୍ତର କରାଯାଇଛି। ତେଣୁ ସେଠାରୁ ହିଁ ଆସନ୍ତାକାଲି ଅଳଙ୍କାର ଆଣି ଶ୍ରୀଜିଉଙ୍କ ରାଜରାଜେଶ୍ୱର ବେଶ ସଂପନ୍ନ ହେବ। ମାନବୀୟ ଲୀଳା କରୁଥିବା ପ୍ରଭୁ ଶ୍ରୀବଳଭଦ୍ର ଧାରଣ କରିବେ ଶ୍ରୀପୟର, ଶ୍ରୀଭୂଜ, କିରୀଟ, ଓଡ଼ିଆଣି, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ ସହ ବିଭିନ୍ନ ପ୍ରକାରର ମାଳି। ସେହିପରି ଦେବୀ ସୁଭଦ୍ରା ମସ୍ତକରେ କିରୀଟ, ଓଡ଼ିଆଣି, ଚନ୍ଦ୍ରସୂର୍ଯ୍ୟ, କାନ, ଆଡ଼କାନି, କଦମ୍ବମାଳି, ▶▶ପୃଷ୍ଠା ୭

ଏନଟିଏର ଟ୍ରଙ୍କରୁ ନିଟ୍-ୟୁଜି ପେପର ଚୋରି କରିଥିବା ଇଂଜିନିୟରକୁ ଧରିଲା ସିବିଆଇ

ନୂଆଦିଲ୍ଲୀ, ୧୬/୭ : ନିଟ୍ ପେପର ଲିକ୍ ମାମଲାରେ ବଡ଼ କାର୍ଯ୍ୟାନୁଷ୍ଠାନ ହୋଇଛି। ବିହାରର ପାଟନାରୁ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସିର ଟ୍ରଙ୍କରୁ ନିଟ୍ ପେପର ଚୋରି କରିଥିବା ଇଞ୍ଜିନିୟରଙ୍କୁ ସିବିଆଇ ଗିରଫ କରିଛି। ଅଭିଯୁକ୍ତର ଅନ୍ୟ ଜଣେ ସହଯୋଗୀ ମଧ୍ୟ ଧରାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଙ୍କଜ କୁମାର ଓ ରାଜୁ ସିଂ। ମିଳିଥିବା ସୂଚନା ଅନୁଯାୟୀ ପଙ୍କଜ କୁମାର ଓରଫ ଆଦିତ୍ୟ ଯେଉଁ ଟ୍ରଙ୍କରେ ପ୍ରଶ୍ନପତ୍ର ଯାଉଥିଲା ସେଥିରୁ ପ୍ରଶ୍ନପତ୍ର ଚୋରି କରି ବଣ୍ଟନ କରିଥିଲା। ପଙ୍କଜ କୁମାର ଜାମସେଦପୁରର ପୂର୍ବତନ ଛାତ୍ର ଏବଂ ବୋକାରୋର ବାସିନ୍ଦା । ତାର ଆଉଜଣେ ସହଯୋଗୀ ରାଜୁ ସିଂହକୁ ମଧ୍ୟ ହଜାରୀବାଗରୁ ଗିରଫ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏକ ଷ୍ଟିଲ ବକ୍ସରୁ କାଗଜ ଚୋରି ହୋଇଛି। ▶▶ପୃଷ୍ଠା ୭

୨୧ରୁ ମାଟ୍ରିକ୍ ସପ୍ଲିମେଣ୍ଟାରୀ

କଟକ, ୧୬/୭ (ନି.ପ୍ର): ଜୁଲାଇ ୨୧ରୁ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ବୋର୍ଡ ୱେବସାଇଟ୍‌ରେ ଆଡ୍‌ମିଟ୍ କାର୍ଡ ଉପଲବ୍ଧ କରାଯାଇଛି। ଆଜି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରେସ୍ ରିଲିଜ୍ କରିଆରେ ଏହି ସୂଚନା ଦିଆଯାଇଛି। ଛାତ୍ରଛାତ୍ରୀମାନେ **www. bseodisha.ac.in**କୁ ଯାଇ ସେମାନଙ୍କ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ଷ୍ଟେଟ ଓପନ ସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀମାନେ ମଧ୍ୟ ଏଥିରୁ ସେମାନଙ୍କ ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ଜୁଲାଇ ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ମାଟ୍ରିକ ସପ୍ଲିମେଣ୍ଟାରୀ ଓ ଝଡଝଉ ପରୀକ୍ଷା ଅନୁଷ୍ଠିତ ହେବ। ୯୭୨ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବେ। ସେମାନଙ୍କ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ୮୩ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ସେହିଭଳି ଝଡଝଉ ପରୀକ୍ଷା ପାଇଁ ୧୨୧ଟି କେନ୍ଦ୍ର କରାଯାଇଛି। ଏହି କେନ୍ଦ୍ରଗୁଡ଼ିକରେ ମୋଟ ୨୪ ହଜାର ୫୨୦ ଜଣ ପରୀକ୍ଷା ଦେବେ। ଏହି ପରୀକ୍ଷା ସମ୍ବନ୍ଧରେ ▶▶ପୃଷ୍ଠା ୭

୧୮ରେ ପୁଣି ଖୋଲିବ ରତ୍ନଭଣ୍ଡାର: ବାହାରିଲା ଶୁଭ ମୁହୂର୍ତ୍ତ

ପୁରୀ, ୧୬/୭ (ନି.ପ୍ର): ଆସନ୍ତା ୧୮ ତାରିଖ ଅର୍ଥାତ ଗୁରୁବାର ପୁଣି ଖୋଲାଯିବ ରତ୍ନଭଣ୍ଡାର। ରତ୍ନଭଣ୍ଡାର ସଂପର୍କିତ ଜରୁରୀ ବୈଠକ ପରେ ରତ୍ନଭଣ୍ଡାର ତଦାରଖ କମିଟି ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରତ୍ନଭଣ୍ଡାର ଆସନ୍ତା ଗୁରୁବାର ଖୋଲାଯିବ। ରତ୍ନ ଭଣ୍ଡାର ଖୋଲିବା ନେଇ ଶୁଭ ମୂହୁର୍ତ୍ତ ବାହାରିଛି। ଗୁରୁବାର ସକାଳ ୯ଟା ୫୧ରୁ ୧୨ଟା ୧୫ ପର୍ଯ୍ୟନ୍ତ ଶୁଭ ମୂହୁର୍ତ୍ତ ରହିଛି। ଏହି ସମୟ ମଧ୍ୟରେ ଭିତର ରତ୍ନ ଭଣ୍ଡାର ତାଲାକୁ ଖୋଲାଯିବ। ଏହି ସମୟରେ ନୀତିକାନ୍ତିରେ ଯେପରି କୌଣସି ବାଧା ସୃଷ୍ଟି ନ ହେବ ତା' ଉପରେ ଦୃଷ୍ଟି ଦିଆଯିବ। ଜଷ୍ଟିସ ବିଶ୍ୱନାଥ ରଥ କହିଛନ୍ତି, ଭିତର ଭଣ୍ଡାର ତାଲା ଖୋଲି ଭିତରକୁ ଯିବୁ। ସେଠାରେ ଥିବା ଜିନିଷ ପତ୍ର ଗୁଡ଼ିକୁ ଆଖିରେ ଦେଖିବୁ। ଏହାପରେ ଅଳଙ୍କାର ଗୁଡ଼ିକ ଯତ୍ନ ସହକାରେ ନୂତନ ଆଲମିରାକୁ ଓ ସିନ୍ଦୁକକୁ ସ୍ଥାନାନ୍ତରଣ କରିବୁ। ସମସ୍ତ ସ୍ଥାନାନ୍ତରଣ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ। ରତ୍ନ ଭଣ୍ଡାରରେ ଆଲମିରା ଓ ସିନ୍ଦୁକ ଗୁଡ଼ିକ ଚାରିପଟେ କାନ୍ଥକୁ ଲାଗି ରହିଛି। ଭିତର ରତ୍ନ ଭଣ୍ଡାରରେ କାନ୍ଥ ଦେଖାଯାଉ ନାହିଁ। ଆଲମିରା ଓ ସିନ୍ଦୁକରେ କ'ଣ ରହିଛି, ତା' ତଳେ କ'ଣ ରହିଛି ଆମେ ଦେଖିନାହୁଁ। ରତ୍ନ ଭଣ୍ଡାର ଖୋଲାଯିବା ବେଳେ ମନ୍ଦିରରେ ଭକ୍ତଙ୍କ ପ୍ରବେଶ ବାରଣ କରାଯିବ । ଉକ୍ତ ସମୟରେ କେବଳ ଅଧିକୃତ ▶▶ପୃଷ୍ଠା ୭

ଜଣେ ମହିଳା ମାଓବାଦୀ ସମେତ ୭ ମାଓବାଦୀ ଗିରଫ

ମାଲକାନଗିରି, ୧୬/୭ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ ଚାଲିଥିବା ନକ୍ସଲ ଦମନ ଅଭିଯାନ ବେଳେ ପୁଲିସ ଦ୍ୱାରା ତେରେମ ଅଞ୍ଚଳରୁ ୭ ମାଓବାଦୀ ଗିରଫ ହୋଇଛନ୍ତି।ମିଳିଥିବା ସୂଚନା ଅନୁଯାୟୀ ତେରେମ ଅଞ୍ଚଳରେ ପୁଲିସ ଓ ସୁରକ୍ଷା ବାହିନୀ ମିଳିତ ମାଓ ଦମନ ନିମନ୍ତେ ସର୍ଚ୍ଚ ଅଭିଯାନ କରୁଥିବା ବେଳେ ଜଙ୍ଗଲ ମଧ୍ୟରେ କିଛି ବ୍ୟକ୍ତି ସେମାନଙ୍କୁ ଦେଖି ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। ତୁରନ୍ତ ସୁରକ୍ଷାକର୍ମୀ ଜଂଗଲକୁ ଘେରି ଜଣେ ମହିଳା ସମେତ ୭ ଜଣଙ୍କୁ ପୁଲିସ କାବୁ କରି ପଚରା ଉଚରା ବେଳେ ସେମାନେ ସମସ୍ତେ ମାଓବାଦୀ ସଂଗଠନରେ କାମ କରୁଥିବା ପୁଲିସ ନିକଟରେ ସ୍ୱୀକାର କରିଥିଲେ।ଗିରଫ ମାଓବାଦୀଙ୍କ ମଧ୍ୟରେ ୨ ଲକ୍ଷ ଟଙ୍କା ପୁରସ୍କାର ରହିଥିବା ମାଓବାଦୀ ତାମୋ ଭୀମା ଓ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମାଓବାଦୀ ଉଇକା ମଙ୍ଗି ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି। ସମସ୍ତ ଗିରଫ ମାଓବାଦୀଙ୍କୁ ଜେରା ପରେ କୋର୍ଟ ଚାଲାଣ କରାଯିବା ସହ ଅଞ୍ଚଳରେ ସର୍ଚ୍ଚ ଅପେରସନକୁ ଜୋରଦାର କରାଯାଇଥିବା ଜଣାପଡିଛି।

ଅର୍ଡର ଦେବାର ୪୮ ଘଣ୍ଟା ମଧ୍ୟରେ ଘରେ ପହଞ୍ଚିବ ଗ୍ୟାସ

ଭୁବନେଶ୍ୱର, ୧୬/୭ (ନି.ପ୍ର): ଏଣିକି ଗ୍ୟାସ୍ ଅର୍ଡରର ୪୮ ଘଣ୍ଟା ମଧ୍ୟରେ ଖାଉଟିଙ୍କ ପାଖରେ ପହଞ୍ଚିବ ରନ୍ଧନ ଗ୍ୟାସ ସିଲିଣ୍ଡର। ଧାର୍ଯ୍ୟ ସମୟ ସୀମାରେ ଖାଉଟିଙ୍କ ପାଖରେ ଗ୍ୟାସ ନପହଞ୍ଚିଲେ ବିତରଣକାରୀ ସଂସ୍ଥା ବା ଡିଲରଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ। ପେଟ୍ରୋଲ୍, ଡିଜେଲ୍ ଓ ଏଲ୍ ପିଜି ଡିଲର୍ ସଂଘ ସହ ବୈଠକ ପରେ ଏ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେହିପରି ପେଟ୍ରୋଲ, ଡିଜେଲ୍ ମାନରେ କୌଣସି ସାଲିସ୍ କରାଯିବନି। ନିୟମିତ ଭାବେ ପେଟ୍ରୋଲ ଟାଙ୍କି ମାନଙ୍କରେ ଯାଞ୍ଚ କରାଗଲେ ଯଦି କେହି ଅପମିଶ୍ରଣ କରୁଥିବା ଜଣାପଡ଼ିବ, ତାହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଖାଉଟିଙ୍କୁ ଉତ୍ତମ ସେବା ପ୍ରଦାନକୁ ପ୍ରାଥମିକତା ଦେଇ ଏସବୁ ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର କାର୍ଯ୍ୟ ସମୀକ୍ଷା

ଭୁବନେଶ୍ୱର, ୧୫/୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରି ଯୋଜନାଗୁଡିକୁ ତ୍ୱରାନ୍ୱିତ କରି ସହରଗୁଡିକରେ ଲୋକଙ୍କ ପାଇଁ ଆଧୁନିକ ସୁବିଧାର ବିକାଶ ପାଇଁ ପରାମର୍ଶ ଦେଇଛନ୍ତି। ବିଭିନ୍ନ ଯୋଜନା ଗୁଡିକର ସୁବିଧା ପାଉଥିବା ହିତାଧିକାରୀ ଚୟନ କ୍ଷେତ୍ରରେ ତଥା କର୍ମସଂସ୍ଥାନ ପ୍ରଦାନ କ୍ଷେତ୍ରରେ ଓଡିଶାର ଯୋଗ୍ୟ ବ୍ୟକ୍ତିମାନଙ୍କୁ ପ୍ରାଥମିକତା ଦେବାକୁ ସେ ପରାମର୍ଶ ଦେଇଛନ୍ତି। ସହରଗୁଡିକର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ଉପରେ ପ୍ରାଥମିକତା ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହା ଦ୍ୱାରା ସହରର ଗରିବ ଲୋକଙ୍କ ପାଇଁ ଭିତ୍ତିଭୂମି ଓ ଆନୁସଙ୍ଗିକ ସୁବିଧାର ବିକାଶ କରାଯାଇ ପାରିବ। ସେମାନେ ସୁବିଧାରେ ରହି ସହରରେ ସେବା ଯୋଗାଇ ଦେବା ସହ ଜୀବିକ ଅର୍ଜନ ମଧ୍ୟ କରିପାରିବେ। ସେହିପରି ଭୁବନେଶ୍ୱରର ଦୟା ଓ୍ୱେଷ୍ଟ କେନାଲର ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ୩୪ କି.ମି ଦୀର୍ଘ ଏହି କେନାଲର ୧୬ କି.ମି.ରୁ ଅଧିକ ଅଂଶ ଭୁବନେଶ୍ୱର ସହର ଭତରେ ରହିଛି। ଏହାର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଏକ ଉନ୍ନତ ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଭୁବନେଶ୍ୱର ଓ ତା'ର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ କରିବା ବର୍ତ୍ତମାନ ସମୟର ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସ୍ୱଚ୍ଛତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ସବୁ ସହରରେ ବାୟୋ-ମାଇନିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉ। ସ୍ୱଚ୍ଛତା କ୍ଷେତ୍ରରେ ଭୁବନେଶ୍ୱର ଯେପରି ଦେଶର ଏକ ମଡେଲ୍ ସହର ହୋଇପାରିବ ସେଥିପାଇଁ ଉପଯୁକ୍ତ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଭାଗ ପକ୍ଷରୁ ୧୦୦ ▶▶ପୃଷ୍ଠା ୭

ଗରିବ ଏବଂ ପଛୁଆ ବର୍ଗଙ୍କୁ ସଶକ୍ତ କରୁଛନ୍ତି ମୋଦୀ: ଧର୍ମେନ୍ଦ୍ର ପ୍ରଧାନ

ମହେନ୍ଦ୍ରଗଢ଼, ୧୬/୭ (ନି.ପ୍ର): ବିଗତ ୧୦ ବର୍ଷର କାର୍ଯ୍ୟକାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତରତ୍ନ ବାବାସାହେବ ଡକ୍ଟର ବି.ଆର୍ ଆମ୍ବେଦକରଙ୍କ ଆଦର୍ଶ ପଥରେ ଦଳିତ, ଗରିବ ଏବଂ ପଛୁଆ ବର୍ଗଙ୍କୁ ସଶକ୍ତ କରିବାର କାମ କରିଛନ୍ତି । ପଛୁଆ ବର୍ଗ ଆୟୋଗଙ୍କୁ ସାମ୍ବିଧାନିକ ମାନ୍ୟତା ଦେବାରେ ଐତିହାସିକ ନିର୍ଣ୍ଣୟ ନିଆଯାଇଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ହରିୟାଣାର ମହେନ୍ଦ୍ରଗଢ଼ରେ ସେଣ୍ଟରାଲ ୟୁନିଭର୍ସିଟି ପାଲି ଠାରେ ଆୟୋଜିତ "ପଛୁଆ ବର୍ଗ ସମ୍ମାନ ସମ୍ମିଳନୀ"ରେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି। ଦେଶର ଗୃହମନ୍ତ୍ରୀ ଅମିତ ଶାହ ଓ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀଙ୍କ ଉପସ୍ଥିତିରେ ଓବିସି ସମାଜର ଲୋକମାନଙ୍କୁ ସମ୍ବୋଧନ

କେନ୍ଦ୍ରାପଡ଼ା ସାଂସଦଙ୍କ ଉଦ୍ୟମରେ ଦୁବାଇରୁ ଫେରିଲେ ୮ ଓଡିଆ

ଭୁବନେଶ୍ୱର, ୧୬/୦୭ (ନି.ପ୍ର): ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମରେ ଦୁବାଇରେ ଫସିଥିବା ୮ ଜଣ ଓଡିଆ ଯୁବକ ଆଜି ନିଜ ଜନ୍ମମାଟିକୁ ଫେରିଛନ୍ତି। ଏହି ୮ ଜଣଙ୍କୁ ଉଦ୍ଧାର କରି ଭାରତ ଫେରାଇ ଆଣିବା ପାଇଁ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କୁ ହସ୍ତକ୍ଷେପ କରିବାକୁ ଗତ ୪ ତାରିଖରେ ଏକ ଚିଠି ଲେଖି ନିବେଦନ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନଲଡାଳିଆ ଗ୍ରାମର ସ୍ୱର୍ଗତ ସୁରେଶ ଦାସଙ୍କ ପୁଅ ମରୁତ ଦାସ, ନିମପୁର ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ପୁଅ ଅଭିମନ୍ୟୁ ବେହେରା, ଜଗତସିଂହପୁର ଜିଲ୍ଲାର ନେହୁଳିଆ ଗ୍ରାମର ଶତ୍ରୁଘ୍ନ ସାମଲଙ୍କ ପୁଅ ନାରାୟଣ ସାମଲ, କଟକ ଜିଲ୍ଲାର କଳପଡା ଗ୍ରାମର ନରେନ୍ଦ୍ରନାଥ ପଟ୍ଟନାୟକଙ୍କ ପୁଅ ମିଟୁ ପଟ୍ଟନାୟକ, କୋରପଡା ଗ୍ରାମର ବିମ୍ବାଧର ହାତୀଙ୍କ ୩ ପୁଅ ରମେଶ ହାତୀ, ନରେଶ ହାତୀ, ବିଚିତ୍ରାନନ୍ଦ ହାତୀ ଓ କୁଳସରିବୁହାଁ ଗ୍ରାମର ଦୃଶାସନ ପ୍ରଧାନଙ୍କ ପୁଅ ପିତବାସ ପ୍ରଧାନ ଗତ ମେ ମାସ ୧୯ ତାରିଖରେ ପାଇପମିସ୍ତ୍ରୀ ଭାବେ କାମ କରିବାକୁ ଏକ ଏଜେଣ୍ଟଙ୍କ ଜରିଆରେ ଦୁବାଇ ଯାଇଥିଲେ କିନ୍ତୁ ସେଠାରେ ପହଞ୍ଚିବା ପରେ କମ୍ପାନୀ କତୃପକ୍ଷ ସେମାନଙ୍କୁ ଅନ୍ୟ କାମରେ ନିୟୋଜିତ କରିଥିଲେ। ଅନିଚ୍ଛା ପ୍ରକାଶ କରିବାରୁ କମ୍ପାନୀ କତୃପକ୍ଷ ସେମାନଙ୍କୁ ଚାକିରିରୁ ବହିଷ୍କାର କରିଦେଇଥିଲେ। ସେମାନେ ବହୁ ଦୁଃଖ କଷ୍ଟରେ ଏକ ମସଜିଦରେ ଆଶ୍ରୟ ନେଇଥିଲେ। ନିରୁପାୟ ହୋଇ ପରିବାର ଲୋକ ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ଶ୍ରୀ ପଣ୍ଡାଙ୍କ ହସ୍ତକ୍ଷେପ ଲୋଡିଥିଲେ। ଅନୁରୋଧକ୍ରମେ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କ ସହ ଯୋଗାଯୋଗ କରି ଏ ବିଷୟରେ ଅବଗତ କରିବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ସମସ୍ତଙ୍କୁ ସୁରକ୍ଷିତ ଭାରତ ଫେରାଇ ଆଣିବା ସଙ୍ଗେ ସଙ୍ଗେ ସହାୟତା ଯୋଗାଇଦେବାକୁ ନିବେଦନ କରିଥିଲେ। ପହଞ୍ଚିବା ପରେ ପରିବାର ଲୋକ ଶ୍ରୀ ପଣ୍ଡାଙ୍କୁ ସାକ୍ଷତ କରି କୃତଜ୍ଞତା ଜଣାଇଛନ୍ତି।

ଚାଷଜମିରୁ ଜଳ ନିଷ୍କାସନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, ୧୬/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା, କଳପଡା ଓ ଶ୍ୟାମସୁନ୍ଦରପୁର ପ୍ରଭୃତି ଗ୍ରାମପ ୟତର ଚାଷୀମାନେ ଜିଲ୍ଲାପାଳଙ୍କୁ ଭେଟି ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେହି ଦାବି ପତ୍ରରେ ଉଲ୍ଲେଖ ରହିଛି ଯେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଜାତୀୟ ରାଜପଥ ନିର୍ମାଣ ଉଦେଶ୍ୟରେ ଉପରୋକ୍ତ ପଂଚାୟତର ଚାଷୀମାନଙ୍କୁ ଶହ ଶହ ଏକର ଚାଷଜମି ହରାଇବାକୁ ପଡିଥିବାବେଳେ ସେହି ଜାତୀୟ ରାଜପଥ ଏବେ ସେମାନଙ୍କ ଚାଷବାସ ପାଇଁ ସର୍ବନାଶର କାରଣ ପାଲଟିଛି । ୧୯୬୦ ଦଶକରେ ସରକାର ଜାତୀୟ ରାଜପଥ ନିର୍ମାଣ କରିବା ସମୟରେ ଉଦ୍‌ବୃତ ବର୍ଷାଜଳ ନିଷ୍କାସନ ପାଇଁ ରାଜପଥର ଉଭୟ ପାର୍ଶ୍ୱରେ ଅଧିଗୃହୀତ ଜମି ଉପରେ ନାଳର ବ୍ୟବସ୍ତା କରିଥିଲେ। ମାତ୍ର ଏହା ମଧ୍ୟରେ ରାଜପଥର ଅନେକବାର ପ୍ରଶସ୍ତିକରଣ କାର୍ଯ୍ୟକରି ଏବେ ଆଠ ଲାଇନ ବିଶିଷ୍ଟ ରାସ୍ତା ନିର୍ମାଣ କରୁଥିବା ବେଳେ ସରକାର ଅଧିକ ଜମି ଅଧିଗ୍ରହଣ କରିନାହାଁନ୍ତି । ପରନ୍ତୁ ରାଜପଥ କଡରେ ଥିବା ଜଳ ନିଷ୍କାସିତ ପଥ ଗୁଡିକ ଉପରେ ସମ୍ପ୍ରସାରିତ କାର୍ଯ୍ୟ କରୁଛନ୍ତି । ଏଥିସହିତ ୫ ନଂ (କ) ଜାତୀୟ ରାଜପଥ କଡରେ ଯାଇଥିବା ମୁଖ୍ୟନଳାକୁ ସଂଯୋଗ କରୁଥିବା ସମସ୍ତ ଶାଖା ନାଳ ଗୁଡିକ ତହସିଲ ଅଫିସର କର୍ମଚାରୀମାନଙ୍କ ବିନା ତନଖିରେ ନିର୍ବିଚାରରେ ଘରବାଡି କିଷମକୁ ବଦଳାଇ ନିର୍ମାଣ କାର୍ଯ୍ୟ ପାଇଁ ଦେବା ଏବଂ ଡ୍ରେନେଜ୍ ବିଭାଗର କୌଣସି ରଦାରଖ ନରହିବା କାରଣରୁ ବିଭିନ୍ନ ସ୍ଥାନରେ ଅବରୋଧ ହୋଇଥିବା ଏହି ଜଳ ନିଷ୍କାସିତ ପଥ ଏବେ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଯୋଗୁଁ ସମ୍ପୂର୍ଣ୍ଣ ଅବରୋଧ ହୋଇପଡିଛି । ଫଳରେ ଚଳିତ ବର୍ଷା ଋତୁରେ ଉଦ୍‌ବୃତ ବର୍ଷାଜଳ ଚାଷ ଜମିରୁ ନିଷ୍କାସିତ ହୋଇ ନପାରି ହଜାର ହାଜର ଏକର ଚାଷ ଜମିର ଫସଲ ସମ୍ପୂର୍ଣ୍ଣ ରୂପେ ପଚି ନଷ୍ଟ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି । ତେଣୁ ଜିଲ୍ଲାପାଳ ଏହି ନିର୍ମାଣ କାର୍ଯ୍ୟରେ ତୁରନ୍ତ ହସ୍ତକ୍ଷେପ କରି ପୂର୍ବ ଜଳ ନିଷ୍କାସିତ ପଥ ଗୁଡିକୁ ବଜାୟ ରଖିବା ସହ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ଚାଷୀମାନଙ୍କ ପକ୍ଷରୁ ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ଦିଲ୍ଲୀପ କୁମାର ସାହୁ, ରବିନ୍ଦ୍ର ମହାନ୍ତି, ପ୍ରଦୀପ କୁମାର ମହାନ୍ତି, ନିର୍ମଳ କୁମାର ସ୍ୱାଇଁ, ଶାରଦା ପ୍ରସନ୍ନ ରାଉତ, ସୁଶୀଳ ରାଉତ, ସୁନାକର ସେଠୀ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ପଦେକ୍ଷପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ।

ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ସାଙ୍ଗଠନିକ ବୈଠକ

ବଲାଙ୍ଗିର , ୧୬/୦୭ (ନି.ପ୍ର): ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ଏକ ସାଙ୍ଗଠନିକ ବୈଠକ ବଲାଙ୍ଗିର, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାକୁ ନେଇ ବଲାଙ୍ଗିର ଆର୍ଯ୍ୟ ସମାଜ ମନ୍ଦିରରେ ପୂଜ୍ୟସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀଙ୍କ ସଭାପତିତ୍ୱରେ ଓ ଶ୍ରୀମାନ୍ ରାଜକୁମାର ବରାଡ ଜୀଙ୍କ ସଂଯୋଜନାରେ ଏବ ଧନୁର୍ଦ୍ଧର ମହାପାତ୍ରଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ତିନିଟି ଜିଲ୍ଲାର ସଂଗଠନ କାର୍ଯ୍ୟକ୍ରମ ଓ କାର୍ଯ୍ୟକର୍ତ୍ତା ମାନଙ୍କ ଭୂମିକାକୁ ନେଇ ବିଚାର ବିମର୍ଶ କରାଯାଇଥିଲା । ଆଗାମୀ ଦିନରେ ଆର୍ଯ୍ୟସମାଜ ଗୁଡିକ କେମିତି ସୁଦୃଢ ରହିବ ଏବଂ ସତ୍ୟ ସନାତନ ପବିତ୍ର ବୈଦିକ ଧର୍ମର ବାର୍ତ୍ତାକୁ ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ସମସ୍ତ ଜିଲ୍ଲାର ଆର୍ଯ୍ୟଜନଙ୍କୁ ପହଂଚାଇବାକୁ କର୍ମକର୍ତ୍ତା ଶ୍ରୀମାନ ଶିବ ପାତ୍ର, ଲଳିତ ମେହେର, ଲକ୍ଷ୍ମଣ ଭୋଇ, ଲୋଚନ ବିଶି, ଦୀନକୃଷ୍ଣ ବାନପ୍ରସ୍ଥୀ, ଜ୍ୟୋତିପ୍ରକାଶ ରଥ, ଆନନ୍ଦ ସାହୁ, ଆନନ୍ଦ ଶାସ୍ତ୍ରୀ, ସ୍ୱପ୍ନେଶ୍ୱର ମହାକୁଡ଼, ଶେଷ ସିଂ, କେଶବ ମେହେର, ଆରୁଣୀ କୁମାର ସାଧୁ ସନ୍ଥ ତଥା ଅତିଥି ବିଦ୍ୱାନ ପୂର୍ଣ୍ଣାନନ୍ଦ ଶାସ୍ତ୍ରୀ ତଥା ଅନ୍ୟାନ୍ୟ ଅତିଥି ମତପୋଷଣ କରିଥିଲେ ।

ସୁଲେଖିକା କଳ୍ପନା ରଥଙ୍କ ୨ଟି ପୁସ୍ତକ ଲୋକର୍ପିତ

ଭବାନୀପାଟଣା, ୧୬/୦୭ (ନି.ପ୍ର): ଭବାନୀପାଟଣାସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବ୍ରଜବିହାରର ସଭାଗୃହରେ ସୁଲେଖିକା କଳ୍ପନା ରଥଙ୍କ ଦୁଇଟି ପୁସ୍ତକ ଲୋକାର୍ପିତ ହୋଇଯାଇଛି । ଆୟୋଜିତ ଉତ୍ସବରେ କଳାହାଣ୍ଡି ଜିଲ୍ଲାର ଶତାଧିକ ଲେଖକ, କବି ଓ ସଂସ୍କୃତି ସଂପନ୍ନ ବ୍ୟକ୍ତି ଯୋଗ ଦେଇଥିଲେ । କଳ୍ପନା ରଥ (୧୯୬୧) କଳାହାଣ୍ଡି ତଥା ସମଗ୍ର ଓଡ଼ିଶାର ଜଣେ ପ୍ରତିଷ୍ଠିତ ଲେଖିକା, କବି, ଶିକ୍ଷାବିଦ୍ ତଥା ଜଣେ ସଂଗଠିକା ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି । ଲେଖିକାଙ୍କର ପୂର୍ବରୁ ପ୍ରକାଶ ପାଇଥିବା ପୁସ୍ତକ 'ବୋଉର ଶାଢ଼ୀ' ବେଶ୍ ଲୋକପ୍ରୟତା ଅର୍ଜନ କରିଛି । ଆଜି ଯୋଗଦେଇଥିବା ଅତିଥି ତଥା ଶତାଧିକ ପାଠକଙ୍କ ଗହଣରେ ଶ୍ରୀରୂପା ପବ୍ଲିକେସନ୍ସ ,ଭବାନୀପାଟଣା ଦ୍ୱାରା ପ୍ରକାଶିତ ଗଳ୍ପ ସଂକଳନ 'ପ୍ରଥା' ଓ କବିତା ସଂକଳନ 'କଣ୍ଢେଇ' ଲୋକାର୍ପିତ ହୋଇଯାଇଛି । ସରଳ ଓ ବୋଧଗମ୍ୟ ଭାଷାରେ କବି ରଚନା କରିଥିବା କବିତାମାନ ପାଠକଙ୍କ ହୃଦୟକୁ ବେଶ୍ ଛୁଇଁପାରିଛି । ସମାଜର ସାଂପ୍ରତିକ ବ୍ୟବସ୍ଥାକୁ କବି ନିଜର ଆକ୍ରୋଶ,ବିଦ୍ରୂପ ତଥା ବ୍ୟଙ୍ଗ୍ୟ ମାଧ୍ୟମରେ ବ୍ୟକ୍ତ କରିଛନ୍ତି 'କଣ୍ଢେଇ' କବିତା ସଂକଳନଟି ରେ । ସେହିପରି 'ପ୍ରଥା' ଗପବହିଟିରେ ବ୍ରାହ୍ମଣୀ ବିଧବାମାନଙ୍କ କଥା ବର୍ଣ୍ଣନା କରାଯାଇଛି । ବିଧବା ହେବା ପଛରେ ସଂପୃକ୍ତ ନାରୀଟିର କୌଣସି ଭୂମିକା ନଥାଇ ସେ ପ୍ରତିଦିନ ସେ ମରୁଥାଏ । ପ୍ରତି ସକାଳରେ ନୂଆ ଅପବାଦଟିଏ, ନୂଆ ଲାଞ୍ଛନାଟିଏ ତା' ପାଇଁ ତିଆରି ହେଉଥାଏ । ପ୍ରଥାରେ ଥିବା ପ୍ରାୟ ସବୁ ଗପ ସେହି ବ୍ରାହ୍ମଣୀ ବିଧବାଙ୍କ କାହାଣୀ । ସମାଜରେ ଆଜି ବି ଏମିତି ଅସରନ୍ତି ପ୍ରଥାର କଷାଘାତ ସହିବାକୁ ହୁଏ ବିଧବା ନାରୀଟିଏକୁ । ଏହି କୁପ୍ରଥା ବିରୁଦ୍ଧରେ ଲେଖିକା ତୀବ୍ରସ୍ୱର ଉତ୍ତୋଳନ କରିଛନ୍ତି । ରଢ଼ିବାଦୀ ସମାଜରେ ପରବର୍ତ୍ତନ ଆଣିବାକୁ ସେ ଆହ୍ୱାନ କରିଛନ୍ତି । ନାରୀଟିକୁ ଏପରି ସଂଘର୍ଷରୁ ମୁକୁଳାଇ ଏକ ନୂଆ ଦୁନିଆ ଗଢ଼ିବାର ସ୍ୱପ୍ନ ସେ ଦେଖିଛନ୍ତି ।

ଆୟୋଜିତ ଲୋକାର୍ପିତ ଉତ୍ସବରେ ସଭାପତିତ୍ୱ କରିଥିଲେ କଥାକାର ସୁକାନ୍ତ ସାହୁ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ସୁଖ୍ୟାତ ଶିକ୍ଷାବିଦ୍ ଓ କବି ଲିଙ୍ଗରାଜ ମିଶ୍ର, ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ ବିରିଷ୍ଠ ନାଟ୍ୟକାର ଓ ଲେଖକ ଉମେଶ ଚନ୍ଦ୍ର ଶତପଥୀ, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ବରିଷ୍ଠ ସାମ୍ବାଦିକ ଓ ଲେଖକ ଉମାଶଙ୍କର କର, କବି ଲଳିତ କାନୁନ୍‌ଗୋ, ନାଟ୍ୟକାର ପରମେଶ୍ୱର ମୁଣ୍ଡ । କାର୍ଯ୍ୟକ୍ରମର ପରିଚାଳନା କରିଥିଲେ କବି ବିରଞ୍ଚି ନାରାୟଣ ମୁଣ୍ଡ, ଧନ୍ୟବାଦ ଅର୍ପଣ କରିଥିଲେ ଯୁବ କବି ପ୍ରତାପ ପଣ୍ଡା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମନ୍ତ୍ରପାଠ କରିଥିଲେ କବି ସ୍ନେହଲତା ଷଡ଼ଙ୍ଗୀ, ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ସସ୍ମିତା ରଥ । ସେହିପରି କବିଙ୍କ ପ୍ରକାଶିତ କବିତା ପୁସ୍ତକ 'କଣ୍ଢେଇ'ରୁ କବିତା ପାଠ କରିଥିଲେ ସ୍ୱର୍ଣ୍ଣକାନ୍ତି ବୈକାର, ଅର୍ଚ୍ଚନା ମିଶ୍ର,ପ୍ରତାପ ପଣ୍ଡା, ପ୍ରଣତୀ ମିଶ୍ର, ଅନୀତା ମୁଣ୍ଡ,କାଜଲ ମହାରଣା ଓ ଗଳ୍ପ ପୁସ୍ତକ 'ପ୍ରଥା'ରୁ ଗୋଟିଏ ଗଳ୍ପ ପାଠ କରିଥିଲେ କବି ସୁନୀତି ମୁଣ୍ଡ । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ପ୍ରକାଶିତ ପୁସ୍ତକ ଦ୍ୱୟର ଆଲୋଚନା କରିବା ଛଳରେ କହିଥିଲେ ଯେ ପୁସ୍ତକରେ ରଚିତ ଗଳ୍ପ ଓ କବିତା ଲେଖିକାଙ୍କ ଅନୁଭବର କଥା । ସେମାନେ କହିଥିଲେ ଯେ ଯେଉଁ ଲେଖାରେ ଯେତେ ଅନୁଭବ ମିଶି ରହିବ ଓ ଲେଖକଙ୍କର ଯେତେ ସଂପୃକ୍ତି ରହିବ ସେ ଲେଖା ସେତେ ପାଠକାଦୃତି ଲାଭ କରିବ ଓ କାଳଜୟୀ ହେବ । କବି ତଥା ଗାଳ୍ପିକାଙ୍କ ପ୍ରଶଂସାରେ ଶତମୁଖ ହୋଇଉଠିଥିଲା ସଭାସ୍ଥଳ ।

ବର୍ଷାପାଣିରେ ଧୋଇଯାଉଛି ରାସ୍ତା: ସମାଧାନ ପାଇଁ ଗ୍ରାମବାସୀଙ୍କ ଦାବି

ଝରିଗାଁ, ୧୬/୦୭ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ବଡ଼ଟେମେରା ପଞ୍ଚାୟତ ଅନ୍ତର୍ଗତ ଚିତାବେଡା ଗ୍ରାମ ଠାରୁ ଚେପଟିଆଅମ୍ବା ଗ୍ରାମକୁ ଯିବା ମଝି ରାସ୍ତାରେ ଥିବା କସମ ନାଳ ନିକଟରେ ବର୍ଷା ପାଣି ଯୋଗୁଁ ରାସ୍ତା ନଷ୍ଟ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ ଚିତାବେଡା ଗ୍ରାମ ଠାରୁ ଚେପଟିଆଅମ୍ବା ଯିବା ରାସ୍ତାରେ ପଡୁଥିବା କସମ ନାଳରେ ପ୍ରଶାସନ ପକ୍ଷରୁ ପ୍ରାୟ ଆଠ ବର୍ଷ ତଳେ ବ୍ରିଜ ନିର୍ମାଣ ସହ ସାଇଡ଼ ୱାଲ ନିର୍ମାଣ କରାଯାଇଥିଲା ।ତେବେ ଏକ ବର୍ଷ ପରେ ପ୍ରବଳ ବର୍ଷା ପାଣି ପ୍ରବାହିତ ହେବା ଯୋଗୁଁ ସାଇଡ଼ ୱାଲ ବର୍ଷା ପାଣିରେ ଭାଙ୍ଗି ଯାଇଥିଲା ।ସାଇଡ଼ ୱାଲ ବର୍ଷା ପାଣିରେ ଭାଙ୍ଗି ଯିବା ପରେ ପ୍ରଶାସନ ପକ୍ଷରୁ ଆଉ ନିର୍ମାଣ କରାଯାଇନାହିଁ। ଫଳରେ ବ୍ରିଜ ଠାରୁ ପ୍ରାୟ ପାଞ୍ଚ ମିଟର ଦୂରରେ ବର୍ଷା ପାଣି ଯୋଗୁଁ ରାସ୍ତା ଧୀରେଧୀରେ ନଷ୍ଟ ହେବାରେ ଲାଗିଛି। ବର୍ତ୍ତମାନ ଝରିଗାଁ ବ୍ଲକରେ ବର୍ଷା ଲାଗି ରହିଥିବା ବେଳେ ବର୍ଷା ପାଣି ଦ୍ୱାରା ରାସ୍ତାର ପିଚୁ ପର୍ଯ୍ୟନ୍ତ ନଷ୍ଟ ହୋଇ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଚେପଟିଆମ୍ବା ଗ୍ରାମକୁ ଯିବା ପାଇଁ ଗୋଟିଏ ମାତ୍ର ରାସ୍ତା ଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଅଧିକ ବର୍ଷା ହେଲେ କିଛିଦିନ ମଧ୍ୟରେ ବର୍ଷା ପାଣିରେ ରାସ୍ତା ଧୋଇ ଯିବାର ଗ୍ରାମବାସୀ ଆଶଙ୍କା କରିଛନ୍ତି। ନାଳର ଓସାର ୧୨ ଫୁଟ ଥିବା ବେଳେ ଗଭୀର ୧୫ ଫୁଟ ରହିଥିବା। ଯଦି ବର୍ଷା ପାଣିରେ ରାସ୍ତା ଧୋଇ ଗଲେ ଚେପଟିଆମ୍ବା ଗ୍ରାମର ୨୮୦ ପରିବାର ଜଳ ବନ୍ଦୀ ହେବାର ସମ୍ଭାବନା ଦେଖାଦେଇଛି। ତେଣୁ ପ୍ରଶାସନ ପକ୍ଷରୁ ତୁରନ୍ତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ଚେପଟିଆଅମ୍ବା ଗ୍ରାମବାସୀ ଦୈତାରୀ ଜାନୀ, ଘାସିରାମ ହରିଜନ, ରମେଶ ହରିଜନ, ଧବା ଜାନୀ, ମନଧର ଜାନୀ ପ୍ରମୁଖ ଦାବି କରିଛନ୍ତି।

ସମସ୍ୟାରେ ଜଜରିତ ବୁଦୁଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ: ୮ଟି ଶ୍ରେଣୀକୁ ୩ ଶିକ୍ଷକ, ୪ କଠୋରୀ

ମାଲକାନଗିରି, ୧୬/୦୭ (ନି.ପ୍ର): ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଜିଲ୍ଲାରେ ସ୍କୁଲ ଥିଲେ ଶିକ୍ଷକଙ୍କର ଅଭାବ ଦେଖାଯାଉଥିବା ବେଳେ ଶିକ୍ଷକ ଥିଲେ ଶ୍ରେଣୀ ଗୃହର ଅଭାବ ଦେଖିବାକୁ ମିଳିଛି। ଏଭଳି ଏକ ବିଦ୍ୟାଳୟ ହେଉଛି କୋରକୋଣ୍ଡା ବ୍ଲକର ବୁଦୁଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟରେ ପ୍ରଥମରୁ ୮ମ ପର୍ଯ୍ୟନ୍ତ ଶ୍ରେଣୀ ରହିଥିବା ବେଳେ ମୋଟ ୧୧୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏଥିସହ ୮ଟି ଶ୍ରେଣୀକୁ ମାତ୍ର ୩ ଜଣ ଶିକ୍ଷକ ରହିଛନ୍ତି। ତେବେ ପ୍ରଧାନଶିକ୍ଷକ ନୀଳକଣ୍ଠ ବେହେରା ସହ ଦୁଇ ମହିଳା ଶିକ୍ଷୟତ୍ରୀ ଜୁବଲୀ ମହାପାତ୍ର ଓ ମାନସୀ ସାମଲ। ପ୍ରଧାନ ଶିକ୍ଷକ ସବୁବେଳେ ଅଫିସ କାମ ସହ ଅନ୍ୟ କାମରେ ବ୍ୟସ୍ତ ରହୁଥିବା ବେଳେ ସେ ପ୍ରାୟତଃ ଶିକ୍ଷାଦାନ କରିପାରନ୍ତି ନାହିଁ। ତେବେ ୮ଟି ଶ୍ରେଣୀକୁ ମାତ୍ର ୪ଟି ଶ୍ରେଣୀ କକ୍ଷ ରହିଛି। ଏଥିରେ ୮ଟି ଶ୍ରେଣୀର ପିଲା ପଢନ୍ତି। ଗୋଟିଏ ଶ୍ରେଣୀରେ ୧ରୁ ୫ ପର୍ଯ୍ୟନ୍ତ ପିଲା ବସିବାକୁ ପଡୁଛି। ଏଭଳି ସ୍ଥିତିରେ କିପରି ଶିକ୍ଷାଦାନ ହେଉଥିବ ସହଜରେ ଅନୁମେୟ। ୧୯୫୪ ମସିହାରେ ଏହି ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ସ୍କୁଲ ପରିସରରେ ଏକ ଅଙ୍ଗନବାଡି ଘର ମଧ୍ୟ ରହିଛି। ବିଦ୍ୟାଳୟରେ ଶ୍ରେଣୀ କକ୍ଷର ଅଭାବ ଦେଖା ଦେଉଥିବା ବେଳେ ଗୋଟିଏ କଠୋରୀରେ ଅଂଗନବାଡ଼ିର ପିଲା ପାଠ ପଢୁଛନ୍ତି। ସେହିପରି ବିଦ୍ୟାଳୟରେ ପାଚେରୀ ନଥିବାରୁ ତାକୁ ନେଇ ମଧ୍ୟ ବାଦବିବାଦ ଲାଗି ରହିଛି। ଗୋଟିଏ ଗୋଷ୍ଠୀ ପାଚେରୀ ନିର୍ମାଣ ପାଇଁ ସମସ୍ତ ସୁବିଧା କରୁଥିବା ବେଳେ ଅନ୍ୟ ଗୋଷ୍ଠୀ ଏହାକୁ ବିରୋଧ କରୁଛନ୍ତି। ବିଦ୍ୟାଳୟର ପରିବେଶ କିନ୍ତୁ ସବୁଜ ସୁନ୍ଦର ରହିଛି। ଅଷ୍ଟମ ଶ୍ରେଣୀ ପିଲାଙ୍କୁ ପାଠ ପଢାଇବା ପାଇଁ ଶିକ୍ଷକ ଅଭାବ ରହିଥିବାରୁ ପିଲା ଭଗବାନଙ୍କ ଭରସାରେ ରହିଛନ୍ତି। ବିଶେଷକରି ଗଣିତ ଓ ଇଂରାଜୀ ପାଠ ପଢାଇବା ପାଇଁ ଜଣେ ଦକ୍ଷ ଶିକ୍ଷକ ଆବଶ୍ୟକ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ବିଭାଗୀୟ ଅଧିକାରୀ ଏନେଇ ଅବଗତ ରହିଥିଲେ ମଧ୍ୟ କୌଣସି ପଦକ୍ଷେପ ନନେବା ସାଧାରଣରେ ଅସଂତୋଷକୁ ବଢାଉଛି। ବାରମ୍ବାର ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀ ଠାରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ପର୍ଯ୍ୟନ୍ତ ବିଦ୍ୟାଳୟରେ ରହିଥିବା ସମସ୍ୟାଗୁଡିକ ସଂପର୍କରେ ଅବଗତ କରାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା କହିଥିଲେ। ବିଦ୍ୟାଳୟରେ ଶ୍ରେଣୀ ଗୃହ ଦରକାର ପଡୁଥିବା ବେଳେ ଆହୁରି ଶିକ୍ଷକ ଦରକାର ପଡୁଛି। ତେବେ ତୁରନ୍ତ ଏନେଇ ବିଭାଗୀୟ ଅଧିକାରୀ ପଦକ୍ଷେପ ନେବାକୁ ଦାବି ହୋଇଛି।

କୃଷି ତାଲିମ ଶିବିର ଅନୁଷ୍ଠିତ

ସାତଶଙ୍ଗ, ୧୬/୦୭ (ନି.ପ୍ର): ଛତାଘର ପ୍ରଧାନ ସାହି ସ୍ଥିତ ଅର୍ଗାନିକ୍ ବାୟୋଟେକ୍ ଫାର୍ମରେ ଇଫ୍‌କୋ ଏବଂ ଓଏଫ୍‌ଏସ୍‌ଆଇଏଫ୍‌ଏସ୍ ସଂସ୍ଥାର ମିଳିତ ପ୍ରୟାସରେ ଏକ କୃଷକ ତାଲିମ ଶିବିର ଗତ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଆଜିକାଲି ରାସାୟନିକ ସାରର ବହୁଳ ବ୍ୟବହାର ଯୋଗୁ ମାଟିର ଉର୍ବରତା ନଷ୍ଟ ହେବା ସହ ମାଟିରେ ଥିବା ଉପକାରୀ ଜୀବମାନେ ମରିଯାଉଛନ୍ତି। ଯାହାଦ୍ୱାରା ମାଟି ଟାଣ ଓ ଅମ୍ଳଯୁକ୍ତ ହୋଇଯାଉଛି। ଏହାର ନକାରାତ୍ମକ ପ୍ରଭାବ ଫସଲ ଉପର

ଜୀବନ ଅନ୍ଧକାରରୁ ଦୁନିଆର ଆଲୋକ: ଥୋମାସ ଆଲଭା ଏଡ଼ିସନ

ନାରାୟଣ ଚନ୍ଦ୍ର ବିଶ୍ୱାଳ

ଆମ ଗହଣରେ ଅନେକ ଦିବ୍ୟାଙ୍ଗ ମାନଙ୍କୁ ନେଇ ଆମେ ଅନାବଶ୍ୟକ ମନ୍ତବ୍ୟ ଦେବା ସହ ଅନେକଙ୍କୁ ଆମେ ସମାଲୋଚନା କରିଥାଉ ତେବେ ଅନେକ ହୁଏତ ଜାଣିନଥାନ୍ତି ପୃଥିବୀର ସବୁଠାରୁ ମହାନ ବୈଜ୍ଞାନିକ ଥୋମାସ ଆଲଭା ଏଡ଼ିସନଙ୍କ କଥା। ସେ ଅନେକ ଆବିଷ୍କାରର ସ୍ରଷ୍ଟା ଥିଲେ ଯାହାଙ୍କର ନାମରେ ପାଖାପାଖି ୧୦୯୩ଟି ଆବିଷ୍କାରର ପ୍ୟାଟେଣ୍ଟ ରହିଛି। ସବୁଠାରୁ ବଡ଼ ଆବିଷ୍କାର ହେଉଛି ଲାଇଟ ବଲବ ଯାହାକି ସମସ୍ତଙ୍କ ଜୀବନରୁ ଅନ୍ଧକାର ଦୂର କରିଥିଲା। ଅନେକ ହୁଏତ ଜାଣି ନାହାଁନ୍ତି ସେ ଥିଲେ ବଧିର କିନ୍ତୁ ନିଜର ଏହି ଦୁର୍ବଳତାକୁ ଶକ୍ତି ସଜାଇ ଏହି ସଫଳତା ହାସଲ କରିବାରେ ସଫଳ ହୋଇଥିଲେ। ଆଜି ତାଙ୍କରି ଜୀବନଗାଥା ସମ୍ପର୍କରେ ଆଲୋଚନା କରିବା। ୧୮୪୭ ମସିହାରେ ଆମେରିକା, ଓହିଓର ମିଲନରେ ଜନ୍ମଗ୍ରହଣ କରିଥିଲେ ଥୋମାସ ଆଲଭା ଏଡ଼ିସନ। ପରେ ତାଙ୍କ ପରିବାର ମିସିଗାନର ପୋର୍ଟ ହୁରୋନ ଚାଲିଯିବାରୁ ସେଠାରେ ତାଙ୍କର ପିଲାଦିନଟି ବିତିଥିଲା। ବାପା ଥିଲେ ସାମୁଏଲ ଓଗଡେନ ଏଡ଼ିସନ ଓ ମା ନାନ୍ସି ମାଥ୍ୟୁସ ଇଲିଓଟ। ସାତ ଭାଇଭଉଣୀ ଭିତରେ ସେ ଥିଲେ ସବୁଠୁ ସାନ। ଥୋମାସ ଏଡିସନ ଲେଖିବା, ପଢ଼ିବା, ଗଣିତ କରିବା ସବୁକିଛି ମାଆଙ୍କ ଠାରୁ ଶିଖିଥିଲେ। କାରଣ ସେ ପୂର୍ବରୁ ଶିକ୍ଷୟିତ୍ରୀ ଥିଲେ। ଥୋମାସ ଏଡ଼ିସନ ଅଳ୍ପ କିଛି ମାସ ହିଁ ସ୍କୁଲ ଯାଇଥିଲେ। କିନ୍ତୁ ସେ ନିଜେ ପଢ଼ି ଅନେକ କିଛି ଶିଖିଥିଲେ। ପିଲାଦିନୁ ହିଁ ତାଙ୍କର ଟେକ୍ନୋଲୋଜି ଉପରେ ଆଗ୍ରହ ଥିଲା। ଆଉ ଘଣ୍ଟା ଘଣ୍ଟା ଏହା ଉପରେ ଗବେଷଣା କରୁଥିଲେ। ତେବେ ୧୨ ବର୍ଷ ବୟସର ହେବାବେଳେ ତାଙ୍କର ଶ୍ରବଣ ଶକ୍ତି ହ୍ରାସ ହେବାକୁ ଲାଗିଲା। ଏଭଳି ହେବା ପଛର କାରଣ ହେଉଛି ଅଧିକ ଦିନ ଧରି ଜ୍ୱର ହେବା। ଏହାଦ୍ୱାରା ତାଙ୍କ ମଧ୍ୟ କର୍ଣ୍ଣରେ ସଂକ୍ରମଣ ହୋଇଥିଲା। ଉପଯୁକ୍ତ ଚିକିତ୍ସା ନ ହୋଇପାରିବାରୁ ତାଙ୍କର ଶ୍ରବଣ ଶକ୍ତି କମିଗଲା। କ୍ରମେ ତାଙ୍କର ଗୋଟିଏ କାନ ସମ୍ପୂର୍ଣ୍ଣ ବଧିର ହୋଇଗଲା। ଆର କାନଟିକୁ ବହୁତ କମ ଶୁଭୁଥିଲା। କୁହାଯାଏ ଏଡ଼ିସନ ମ୍ୟୁଜିକ ପ୍ଲେୟର ଓ ପିଆନୋର ଶବ୍ଦ ଶୁଣିବାକୁ ତା କାଠକୁ ଦାନ୍ତରେ କାମୁଡ଼ି ଧରୁଥିଲେ। ଯଦ୍ୱାରା କି ସେ ଶବ୍ଦର ଧ୍ୱନି ତରଙ୍ଗକୁ ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚାଇ ସେହି ଧ୍ୱନିକୁ କିଛିଟା ଶୁଣିପାରିବେ। ବୟସ ବଢ଼ିବା ସହ ଥୋମାସ ଏଡ଼ିସନ ନିଜର ଏହି ଦୁର୍ବଳତାକୁ ନିଜର ଶକ୍ତି ମନେକଲେ। ତାଙ୍କ ମତ ଥିଲା ଯେ ସେ ବାହାର ଶବ୍ଦ ଶୁଣି ନପାରିବାରୁ ସେ କାମରୁ ଡିସଟପ୍ ହେଉ ନଥିଲେ ଓ ମନଧ୍ୟାନ ଦେଇ କାମ କରିପାରୁଥିଲେ। ଛୋଟବେଳେ ସେ ଟ୍ରେନରେ ଖବରକାଗଜ, କ୍ୟାଣ୍ଡି, ପନିପରିବା ବିକ୍ରିକରି ରୋଜଗାର କରୁଥିଲେ। ମାତ୍ର ୧୩ ବର୍ଷ ବୟସରେ ସେ ସପ୍ତାହକୁ ୫୦ ଡଲାର ଲାଭ କରୁଥିଲେ। ସେ ଯାହା ରୋଜଗାର କରୁଥିଲେ ସେଥିରେ ସେ ଇଲେକ୍ଟ୍ରିକାଲ ଓ କେମିକାଲ ଏକ୍ସପେରିମେଣ୍ଟ ପାଇଁ ଆବଶ୍ୟକୀୟ ଉପକରଣ କିଣୁଥିଲେ। ୧୫ ବର୍ଷ ବୟସରେ ସେ ତିନିବର୍ଷର ଜିମି ମାକେନଜି ନାମକ ବାଳକକୁ ଟ୍ରେନ ଧକ୍କା ହେବାରୁ ବଞ୍ଚାଇଥିଲେ। ଫଳରେ ତାଙ୍କ ବାପା ଏତେ ଖୁସି ହୋଇଯାଇଥିଲେ ଯେ ଥୋମାସଙ୍କୁ ଟେଲିଗ୍ରାଫ ଅପରେଟର ତାଲିମ ଦେଇଥିଲେ। ଥୋମାସଙ୍କ ପ୍ରଥମ ଟେଲିଗ୍ରାଫି ଚାକିରି ଗ୍ରାଣ୍ଡ ଟ୍ରଙ୍କ ରେଲୱେରେ କରିଥିଲେ। ପରବର୍ତ୍ତୀ ସମୟରେ ସେ ପେପର ବିକ୍ରି କରିବା ସହ ଗ୍ରାଣ୍ଡ ଟ୍ରଙ୍କ ହେରାଲ୍ଡ ପେପର ଛପାଇ ତାକୁ ବିକ୍ରି କଲେ। ଏମିତିରେ ସେ ବ୍ୟବସାୟୀ ବି ପାଲଟିଥିଲେ। ୧୯ ବର୍ଷ ବୟସରେ ସେ କେଣ୍ଟୁକିର ଲୁଇସଭିଲେ ଚାଲିଯାଇଥିଲେ। ସେଠି ସେ ୱେଷ୍ଟର୍ନ ୟୁନିୟନର କର୍ମଚାରୀ ଭାବେ ଆସୋସିଏଟେଡ ପ୍ରେସ ବ୍ୟୁରୋ ନ୍ୟୁଜ ୱାୟରରେ କାମ କଲେ। ଅନୁରୋଧ କରି ନାଇଟ ସିଫ୍ଟରେ କାମ କଲେ। ଯାହାଦ୍ୱାରା କି ସେ ପଢ଼ିବା ଓ ଗବେଷଣା ପାଇଁ ସମୟ ପାଇଲେ। ଥରେ ଲିଡ ଏସିଡ଼ ବ୍ୟାଟେରି ଉପରେ ଗବେଷଣା କଲାବେଳେ ସଲଫ୍ୟୁରିକ ଏସିଡ଼ ତଳେ ପଡ଼ିଯାଇଥିଲା। ଆଉ ତାହା ବୋହି ବୋହି ବସଙ୍କ ଚାୟରକୁ ଚାଲିଗଲା। ଫଳରେ ସେଠାରୁ ତାଙ୍କୁ ବାହାର କରିଦିଆଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ସେ ନିଜର ପ୍ରଥମ ଉଦ୍ଭାବନ ଇଲେକ୍ଟ୍ରିକ ଭୋଟ ରେକର୍ଡ଼ରର ପ୍ୟାଟେଣ୍ଟ କରାଇଲେ। ଏହାପରେ ଲାଇଟ ବଲବ, ଫୋନୋଗ୍ରାଫ, ମୋସନ ପିକ୍‌ଚର କ୍ୟାମେରା ଭଳି ଅନେକ ଉଦ୍ଭାବପନ କଲେ। ତାଙ୍କ ନାମରେ ୧୦୯୩ଟି ଆମେରିକୀୟ ପ୍ୟାଟେଣ୍ଟ ରହିଛି। ଥୋମାସ ଏଡ଼ିସନଙ୍କ ସଫଳଜୀବନ ନାମା ନିଶ୍ଚିତ ଭାବେ ଅନ୍ୟ ମାନଙ୍କ ପାଇଁ ପ୍ରେରଣାର ଉତ୍ସ।

+ବାକ୍‌ଶ୍ରବଣ ବିଶେଷଜ୍ଞ, ଧ୍ୱନୀ, କାଠଗୋଲାରୋଡ଼, ମଙ୍ଗଳାବାଗ, କଟକ

ଘରେ ତିଆରି କରନ୍ତୁ ମନ୍ଦାର ଫୁଲ ତେଲ; ଚୁଟିରେ ମାରିଲେ ଝଡ଼ିବ ନାହିଁ କି ପାଚିବ ନାହିଁ

ଚୁଟିର ଯତ୍ନରେ ବିଭିନ୍ନ ପ୍ରକାର ଫୁଲ ଏବଂ ପତ୍ରର ମଧ୍ୟ ବହୁତ ପ୍ରଭାବ ପଡିଥାଏ। ନିମ ପତ୍ର, ତୁଳସୀ ପତ୍ର ଏବଂ ଅଁଳା ଏବଂ ଇଠା ପରି ଜଡିବୁଟି ମଧ୍ୟ ଚୁଟିରେ ବହୁଳ ଭାବରେ ବ୍ୟବହୃତ ହୁଏ। କିନ୍ତୁ, ଆପଣ ଜାଣନ୍ତି କି ମନ୍ଦାର ଫୁଲ ମଧ୍ୟ ଚୁଟି ଉପରେ ଚମତ୍କାର ପ୍ରଭାବ ପକାଇଥାଏ। ଏହା ଚୁଟି ଯତ୍ନ ନେବାରେ ଅନେକ ପ୍ରକାରର ଲାଭ ଦେଇଥାଏ।

ଆଜିର ଖରାପ ଜୀବନଶୈଳୀ ଯୋଗୁଁ ଶରୀର ଉପରେ ଅନେକ କୁପ୍ରଭାବ ପଡୁଛି। ଏଥି ମଧ୍ୟରୁ ଚୁଟି ପାଚିବା, ଝଡିବା, ଛିଡିବା ଆଦି ସମସ୍ୟା ପ୍ରାୟ ସମସ୍ତଙ୍କ କ୍ଷେତ୍ରରେ ଦେଖିବାକୁ ମିଳେ। ସେ ପୁରୁଷ ହୁଅନ୍ତୁ କି ମହିଳା ପ୍ରାୟ ସମସ୍ତେ ଏଥିରେ ପିଡିତ। ଚୁଟିର ଯତ୍ନ ନେବା ପାଇଁ କେହି କେହି ବିଭିନ୍ନ ପ୍ରକାର ଚେଷ୍ଟା କରନ୍ତି।

ଚୁଟିର ଯତ୍ନରେ ବିଭିନ୍ନ ପ୍ରକାର ଫୁଲ ଏବଂ ପତ୍ରର ମଧ୍ୟ ବହୁତ ପ୍ରଭାବ ପଡିଥାଏ। ନିମ ପତ୍ର, ତୁଳସୀ ପତ୍ର ଏବଂ ଅଁଳା ଏବଂ ଇଠା ପରି ଜଡିବୁଟି ମଧ୍ୟ ଚୁଟିରେ ବହୁଳ ଭାବରେ ବ୍ୟବହୃତ ହୁଏ। କିନ୍ତୁ, ଆପଣ ଜାଣନ୍ତି କି ମନ୍ଦାର ଫୁଲ ମଧ୍ୟ ଚୁଟି ଉପରେ ଚମତ୍କାର ପ୍ରଭାବ ପକାଇଥାଏ। ଏହା ଚୁଟି ଯତ୍ନ ନେବାରେ ଅନେକ ପ୍ରକାରର ଲାଭ ଦେଇଥାଏ।

ଏଥିରେ ଫ୍ଲାଭୋନାଏଡ୍ ଏବଂ ଆମିନୋ ଏସିଡ୍ ଥାଏ ଯାହା ଚୁଟିର ବୃଦ୍ଧି ପାଇଁ କାମ କରିଥାଏ। ଏହା ବିଶେଷତଃ ପତଳା ଚୁଟିର ସମସ୍ୟାର ସମାଧାନ କରିଥାଏ। ମନ୍ଦାର ଫୁଲ ବ୍ୟବହାର କରିବା ଦ୍ୱାରା ଚୁଟିକୁ ସୂର୍ଯ୍ୟ କିରଣ କ୍ଷତିରୁ ମଧ୍ୟ ରକ୍ଷା କରାଯାଏ। ଏହା ଛଡା ଧଳା କେଶକୁ କଳା କରିବାରେ ଏହାର ପ୍ରଭାବ ମଧ୍ୟ ଦେଖାଯାଏ। ଏହା ମଧ୍ୟ ମୁଣ୍ଡରୁ ରୂପି ଦୂର କରିବାରେ ସାହାଯ୍ୟ କରେ। ତେବେ ଚୁଟିର ଯତ୍ନରେ ଏହି ଫୁଲକୁ କେଉଁ କେଉଁ ଉପାୟରେ ବ୍ୟବହାର କରାଯାଏ ଏବଂ ଏହା କିପରି ପ୍ରୟୋଗ କରାଯାଏ ଆସନ୍ତୁ ଜାଣନ୍ତୁ।

ହେୟାର ମାସ୍କ:

ଚୁଟି ପାଇଁ ମନ୍ଦାର ହେୟାର ମାସ୍କ ବହୁତ ଲାଭଦାୟକ। ହେୟାର୍ ମାସ୍କ ତିଆରି କରିବା ପାଇଁ ସମ ପରିମାଣର ମନ୍ଦାର ଫୁଲ ଏବଂ ମନ୍ଦାର ପତ୍ର ମିଶାଇ ଗ୍ରାଇଣ୍ଡ୍ କରନ୍ତୁ। ଏହି ପେଷ୍ଟ୍‌କୁ ଚୁଟିରେ ଲଗାନ୍ତୁ ଏବଂ କିଛି ସମୟ ରଖି ଧୋଇ ଦିଅନ୍ତୁ। ଏହି ପେଷ୍ଟ୍ ?କୁ ସପ୍ତାହରେ ଦୁଇଥର ମୁଣ୍ଡରେ ଲଗାଇଲେ ଚୁଟି ବଢିବାରେ ଲାଭଦାୟକ ହୁଏ।

ମନ୍ଦାର ତେଲ:

ମନ୍ଦାର ତେଲ ତିଆରି କରି ପାଇଁ ୮ ରୁ ୧୦ଟି ମନ୍ଦାର ପତ୍ର ଏବଂ ସମାନ ସଂଖ୍ୟକ ମନ୍ଦାର ଫୁଲ ନିଅନ୍ତୁ। ଏହାକୁ ଏକାଠି ଗ୍ରାଇଣ୍ଡ୍ କରନ୍ତୁ ଏବଂ ଏକ ମୋଟା ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏକ ପାତ୍ରରେ କିଛି ନଡ଼ିଆ ତେଲ ନିଅନ୍ତୁ। ଏହାକୁ ନିଆଁରେ ବସାଇ ଫୁଟାନ୍ତୁ ଏବଂ ଏଥିରେ ମନ୍ଦାର ପେଷ୍ଟ ଢାଳି ଗରମ କରନ୍ତୁ। ତେଲ ଫୁଟିଲା ପରେ ଏହାକୁ ଛାଣି ଏକ ବୋତଲରେ ରଖନ୍ତୁ। ଏହାକୁ ଆଙ୍ଗୁଠିରେ ନେଇ ଖପୁରୀକୁ ଭଲ ଭାବରେ ମାଲିସ୍ କରନ୍ତୁ। ଏକ ଘଣ୍ଟା ରଖିଲା ପରେ ମୁଣ୍ଡ ଧୋଇ ଦିଅନ୍ତୁ।

ମନ୍ଦାର ଫୁଲ ଏବଂ ଅଁଳା ମାସ୍କ:

ଚୁଟି ପାଇଁ ଅଁଳା ଚମତ୍କାର ଭାବରେ କାମ କରେ। ଏପରି ପରିସ୍ଥିତିରେ ଅଁଳା ଏବଂ ମନ୍ଦାର ଏକାଠି ପ୍ରୟୋଗ କରିବା ଦ୍ୱାରା ଚୁଟି ଉପରେ ଚମତ୍କାର ପ୍ରଭାବ ପଡିଥାଏ। ହେୟାର୍ ମାସ୍କ ତିଆରି କରିବା ପାଇଁ ସମାନ ପରିମାଣର ମନ୍ଦାର ଫୁଲ ଏବଂ ପତ୍ର ମିଶାନ୍ତୁ ଏବଂ ଏଥିରେ ଅଧା ପରିମାଣର ଅଁଳା ମିଶାନ୍ତୁ। ଏସବୁ ଏକତ୍ର ଗ୍ରାଇଣ୍ଡ୍ କରନ୍ତୁ। ଏବେ ହେୟାର ମାସ୍କ ପ୍ରସ୍ତୁତ। ଏହାକୁ ଚୁଟିରେ ଲଗେଇ ୪୦ରୁ ୫୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ ଏବଂ ଧୋଇ ଦିଅନ୍ତୁ। ଏହି ହେୟାର ମାସ୍କ ସପ୍ତାହରେ ଥରେ ପ୍ରୟୋଗ କରାଯାଇପାରେ।

ଜାଣନ୍ତୁ କେଉଁ ଦିନରେ କ'ଣ କରଣୀୟ ଓ ଅକରଣୀୟ

ଜ୍ୟୋତିଷ ଶାସ୍ତ୍ରରେ ପ୍ରତ୍ୟେକ କାର୍ଯ୍ୟର ଦିନ ନିର୍ଦ୍ଧାରଣ କରାଯାଇଛି। ଧାର୍ମିକ ଗ୍ରନ୍ଥ ଏବଂ ଶାସ୍ତ୍ର ଅନୁସାରେ, ଯଦି ଦିନ ହିସାବରେ କୌଣସି ଶୁଭକାର୍ଯ୍ୟ କରାଯାଏ, ସେହି କାର୍ଯ୍ୟର ସଫଳ ହେବା ସମ୍ଭାବନା ଅଧିକ ଥାଏ।

ସୋମବାର: ବିବାହ, ନାମକରଣ, ଗୃହ ନିର୍ମାଣ, ବିଦ୍ୟାଳୟକୁ ପ୍ରବେଶ କରିବା ପାଇଁ ଏହି ଦିନ ଶୁଭ। ଏହିଦିନରେ ଜନ୍ମହୋଇଥିବା ବ୍ୟକ୍ତି ସଜ୍ଜନ ହୋଇଥାନ୍ତି। ଏହିଦିନ ଦକ୍ଷିଣ ଦିଗରୁ ଯାତ୍ରା କଲେ ନିଶ୍ଚିତ ସଫଳତା ମିଳିଥାଏ ବୋଲି କୁହାଯାଏ।

ମଙ୍ଗଳବାର: ଏହିଦିନ ଶୁଭ-ଅଶୁଭର ମିଶ୍ରିତ ଫଳ ପ୍ରଦାନ କରେ। ସେହିପରି ମଙ୍ଗଳବାର କିଛି କାର୍ଯ୍ୟ ପାଇଁ ଶୁଭ ହୋଇଥିବା ବେଳେ ଆଉ କିଛି କାର୍ଯ୍ୟ ପାଇଁ ଅଶୁଭ ହୋଇଥାଏ। ମଙ୍ଗଳବାରରେ ଘର କିଣିବା, ବସ୍ତ୍ର କିଣିବା ଅନୁଚିତ। ଏହିଦିନ ଜନ୍ମ ନେଇଥିବା ବ୍ୟକ୍ତି କ୍ରୋଧୀ ପ୍ରକୃତିର ହୋଇଥାନ୍ତି।

ବୁଧବାର: ଏହା ଶୁଭ ବାର ଶ୍ରେଣୀରେ ଆସିଥାଏ। ଗୃହ ପ୍ରବେଶ, ଅଧ୍ୟୟନ ପ୍ରାରମ୍ଭ କରିବା ପାଇଁ ଏହା ହେଉଛି ଉତ୍ତମ ଦିନ। ଏହିଦିନ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିବିଶେଷ ଧାର୍ମିକ ପ୍ରବୃତ୍ତିର ହୋଇଥାନ୍ତି।

ଗୁରୁବାର: ଏହିଦିନର ସ୍ୱାମୀ ଗ୍ରହ ହେଉଛନ୍ତି ବୃହସ୍ପତି। ଗୁରୁବାର ମଧ୍ୟ ସମସ୍ତ କାର୍ଯ୍ୟ ପାଇଁ ମଙ୍ଗଳଦାୟକ। ଏହିବାରରେ ଆରମ୍ଭ କରାଯାଉଥିବା ସମସ୍ତ କାର୍ଯ୍ୟ ସିଦ୍ଧ ହୋଇଥାଏ। ଏହିଦିନ ଜନ୍ମଗ୍ରହଣ କରିଥିବା ବ୍ୟକ୍ତି ବିଶେଷ ସଦ୍‌ଗୁଣ, ଧାର୍ମିକ ଓ ତେଜସ୍ୱୀ ହୋଇଥାନ୍ତି।

ଶୁକ୍ରବାର: ଏହିଦିନରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତି ରସିକ ସ୍ୱଭାବର ହୋଇଥାନ୍ତି। ତା'ସହ ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରିବାରେ ରୁଚି ରଖନ୍ତି। ଶୁକ୍ରବାର ସନ୍ଧ୍ୟାରେ ଆରମ୍ଭ କରାଯାଉଥିବା ସମସ୍ତ କାର୍ଯ୍ୟ ଶୁଭ ହୋଇଥାଏ।

ଶନିବାର: ସମସ୍ତ ବାର ମଧ୍ୟରେ ଶନିବାରକୁ ଅଶୁଭ ବୋଲି କୁହାଯାଏ। ଏହିଦିନ ଆରମ୍ଭ କରାଯାଉଥିବା କାର୍ଯ୍ୟ ପୂର୍ଣ୍ଣ ହୋଇପାରି ନ ଥାଏ। କୁହାଯାଏ, ଏହିବାରରେ ସଫଳତା ସମ୍ଭାବନା ଥାଏ ଖୁବ୍ କମ୍। ଏହି ଦିନ ଜନ୍ମଗ୍ରହଣ କରିଥିବା ଲୋକଙ୍କଠାରେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ।

ରବିବାର: ସମସ୍ତ ପ୍ରକାର କାର୍ଯ୍ୟ ପାଇଁ ଏହି ବାର ଶୁଭ। ଏହିଦିନ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିବିଶେଷ ଭାଗ୍ୟଶାଳୀ ହୋଇଥାନ୍ତି। ଏହିଦିନ ପୂର୍ବ ଦିଗରୁ ଯାତ୍ରା କଲେ ନିଶ୍ଚିତ ଭାବେ ସଫଳତା ମିଳିଥାଏ।

ଘରେ ପ୍ରସ୍ତୁତ କରନ୍ତୁ ଛେନା ମୁଡୁକି

ଆବଶ୍ୟକ ସାମଗ୍ରୀ: ୧କେଜି ଖାଣ୍ଟି ଛେନା, ୨କେଜି ଚିନି, ଆବଶ୍ୟକ ଅନୁସାରେ ଅଳେଇଚ ଓ ଗୁଜୁରାତି ଗୁଣ୍ଡ।

ପ୍ରସ୍ତୁତି ପ୍ରଣାଳୀ: ଖାଣ୍ଟି ଛେନାକୁ ଏକ କପଡ଼ାରେ ଚାପି ଏଥିରୁ ପାଣିକୁ ସମ୍ପୂର୍ଣ୍ଣ ଭାବେ ନିଗାଡି ଦେବା ପରେ ଏହାକୁ ଖଣ୍ଡ ଖଣ୍ଡ କରି କଟା ଯାଇଥାଏ। ଏଥିରେ ସାମାନ୍ୟ ଅଳେଇଚ ଓ ରୁଚି ଅନୁସାରେ ଗୁଜୁରାତି ଗୁଣ୍ଡ ମିଶାଇ ପାରିବେ। ଦୁଇକିଲୋ ଚିନିକୁ ବଡ଼ କଡ଼େଇରେ ସିରା ପ୍ରସ୍ତୁତ କରିବେ। ଚିନି ସିରା ଗରମ ହେବା ପରେ ଏଥିରେ ଖଣ୍ଡ ଖଣ୍ଡ କରି କଟାଯାଇଥିବା ଛେନାକୁ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରଖି ଫୁଟାଯାଇଥାଏ। ଏହାପରେ ଚୁଲିରୁ କଡ଼େଇକୁ ଓହ୍ଲାଇ ଛେନା ମୁଡୁକିକୁ ଥଣ୍ଡାକରି ଖାଇବାକୁ ଦିଆଯାଏ। ସାଧାରଣତଃ କେଜିଏ ଖାଣ୍ଟିଛେନାରୁ ୮୦୦ ଗ୍ରାମ୍ ଓଜନର ଛେନାମୁଡୁକି ପ୍ରସ୍ତୁତି ହୋଇଥାଏ। ଏବେ ଭଦ୍ରକରେ ଛେନା ମୁଡୁକି କିଲୋ ୨୫୦ ରୁ ୩୫୦ ଟଙ୍କା ରହିଛି। ଏହି ମିଠାରେ ଆଦୌ ତେଲର ବ୍ୟବହାର କରାଯାଉନଥିବାରୁ ଏହା ଶରୀର ପାଇଁ ସୁସ୍ଥକର ଓ ରୁଚିକର। ଛେନା ମୁଡୁକି ପ୍ରସ୍ତୁତି ହେବା ଦିନରୁ ୭/୮ ଦିନ ଯାଏଁ ରଖାଯାଇପାରୁଥିବାରୁ ଏହା ଦୂରଦୂରାନ୍ତ ତଥା ବିଦେଶକୁ ମଧ୍ୟ ଏହା ନେଇ ହୁଏ।

ଛାଡ଼ପତ୍ର ଦରକାର : ହନିମୁନ୍‌ରେ ଯାଆନ୍ତୁ

ନିଜ କଠୋର ନିର୍ଣ୍ଣୟ ପାଇଁ ଖ୍ୟାତ ବିଚାରପତିମାହନେ ପାରିବାରିକ ମାମଲାରେ ହୃଦୟ ପରିବର୍ତ୍ତନର ଭୂମିକାକୁ ବିଶ୍ୱାସ କରୁଛନ୍ତି । ଭାଙ୍ଗିବାକୁ ଯାଉଥିବା ବିବାହକୁ କଡା ନିଷ୍ପତ୍ତି ଦ୍ୱାରା ଶେଷ ନ କରି ଛାଡପତ୍ର ପାଇଁ ଇଚ୍ଛୁକ ଦମ୍ପତିମାନଙ୍କୁ ଏ ସଂପର୍କରେ ଆଉ ଥରେ ଚିନ୍ତା କରିବାପାଇଁ ପରାମର୍ଶ ଦେଉଛନ୍ତି । ଏ ସଂପର୍କରେ ବିଚାରପତିମାନଙ୍କ ପରାମର୍ଶ ଯଦି ଛାଡପତ୍ର ଚାହୁଁଛନ୍ତି ତାହେଲେ ହନିମୁନ୍‌ରେ ଯାଆନ୍ତୁ । ସବୁଠୁ କଡ଼ କଥା ଅଦାଲତର ଏହି ପରାମର୍ଶ ସକାରାତ୍ମକ ଫଳ ମଧ୍ୟ ଦେଉଛି । ସ୍ୱାମୀ ସ୍ତ୍ରୀ ଏକାଠି କିଛି ଦିନ କାଟିବା ପରେ ନିଜ ସଂପର୍କ ନେଇ ଆଉ ଥରେ ଚିନ୍ତା କରୁଛନ୍ତି, କେତେ ପରିବାର ଭାଙ୍ଗିବାରୁ ବଞ୍ଚିଯାଉଛି । ଏ ସଂପର୍କରେ ପ୍ରତିଭା ନାମ୍ନୀ ଜଣେ ମହିଳା କୁହନ୍ତି ମୁଁ ଗତବର୍ଷର ବୈଷ୍ଣୋଦେବୀ ଯାତ୍ରାକୁ କେବେ ଭୁଲିପାରିବି ନାହିଁ । ସେ ଏବଂ ତାଙ୍କର ସ୍ୱାମୀ ଗତ ବର୍ଷ ଛାଡପତ୍ର ପାଇଁ ଅଦାଲତରେ ଆବେଦନ କରିଥିଲେ । ବିଚାରପତି ମହୋଦୟ ସେମାନଙ୍କ ମଧ୍ୟରେ ଥିବା ସମସ୍ୟାର ସମାଧାନ ପାଇଁ ଏହି ଯୋଡିକୁ ବୈଷ୍ଣୋଦେବୀ ଯାତ୍ରାରେ ଯିବାପାଇଁ ପରାମର୍ଶ ଦେଇଥିଲେ । ଯାତ୍ରାରୁ ଫେରିବା ପରେ ପ୍ରତିଭା ଏବଂ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ଛାଡପତ୍ର ସଂପର୍କରେ କୌଣସି ଆଲୋଚନା ହୋଇନାହିଁ । କୁହାଯାଏ ସ୍ୱାମୀ ସ୍ତ୍ରୀର ସଂପର୍କ ସ୍ୱର୍ଗରେ ସ୍ଥିର ହୁଏ । ମାତ୍ର ଏହି ସଂପର୍କକୁ ଅଟୁଟ ରଖିବାପାଇଁ ବିଚାରପତିମାନେ ପୃଥିବୀରେ ଭଗବାନଙ୍କ ରୂପ ନେଉଛନ୍ତି । ଏହା ସାଧାରଣ କଥା ଯେ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଏବଂ ସହନଶୀଳତାର ଅଭାବ ଯୋଗୁଁ ଛାଡପତ୍ର ମାମଲା କ୍ରମାଗତ ଭାବରେ ବଢିବାରେ ଲାଗିଛି । ଏହାକୁ ଦେଖି ବିଚାରପତିମାନେ ସାଧାରଣ ଏବଂ ଛୋଟ ଛୋଟ କାରଣରୁ ବିବାହ ବିଚ୍ଛେଦ ରୋକିବା ନିମନ୍ତେ ଦମ୍ପତିମାନଙ୍କ ମଧ୍ୟରେ ମଧ୍ୟସ୍ଥି ଭୂମିକା ନେବା ଆରମ୍ଭ କଲେଣି ।

ଛାଡପତ୍ର ନେବାପାଇଁ ଆବେଦନ କରୁଥିବା ଯୋଡିମାନଙ୍କର ବାହାନା ମଧ୍ୟ ଅଦ୍ଭୁତ ପ୍ରକାରର । ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟ ନିଜ ପତ୍ନୀଙ୍କୁ କେବଳ ଏଥିପାଇଁ ଛାଡପତ୍ର ଦେବାକୁ ଚାହୁଁଥିଲେ ସେ ସେକ୍ସରେ କୌଣସି ନୂତନ ଶୈଳୀ ଜାଣନ୍ତି ନାହିଁ । ଏକ ବହୁରାଷ୍ଟ୍ରୀୟ କଂପାନୀରେ କାର୍ଯ୍ୟରତ ଜରେ ବ୍ୟକ୍ତି ନିଜ ପତ୍ନୀଙ୍କୁ ଏଥିପାଇଁ ଛାଡିବାକୁ ଚାହୁଁଥିଲେ ଯେ ସେ ତାଙ୍କୁ କମ୍ପାନୀର ପାର୍ଟି ମଦ୍ୟପାନ କରିବାକୁ ମନା କରୁଥିଲେ । ଜଣେ ଅଧ୍ୟାପିକା ତାଙ୍କ ସ୍ୱାମୀ ବିଳମ୍ବିତ ରାତି ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ରହିବାକୁ ନେଇ ସନ୍ଦେହ କରି ଛାଡପତ୍ର ପାଇଁ ଆବେଦନ କରିଥିଲେ । ଏ ସଂପର୍କରେ ଦିଲ୍ଲୀର ଜଣେ ଅବସରପ୍ରାପ୍ତ ବିଚାରପତି କହିଛନ୍ତି ଯେ ଯେଉଁ ସବୁ ମାମଲାରେ ତୀବ୍ର ମତଭେଦ ନାହିଁ, କ୍ରୁରତା କିମ୍ବା ଯନ୍ତ୍ରଣା ନାହିଁ ସେଠାରେ କାଉନସେଲିଂ ଓ ମଧ୍ୟସ୍ଥତା ଦ୍ୱାରା ସଂପର୍କକୁ ସୁଧାରି ହୁଏ । ତେବେ ଏଥିପାଇଁ ସବୁଠାରୁ ଭଲ ଉପାୟ କ'ଣ ? ବିଚାରପତିମାନେ କୁହନ୍ତି ଏହିପରି ଛୋଟ ଛୋଟ ମତଭେଦକୁ ନେଇ ଛାଡପତ୍ର ପାଇଁ ଆବେଦନ କରୁଥିବା ଦମ୍ପତିଙ୍କ ସଂପର୍କରୋ ସୁଧାର ଆଣିବା ପାଇଁ ସେମାନଙ୍କୁ କିଛି ଦିନ ଏକୁଟିଆ ବୁଲିବାକୁ ପଠାଇବା ସବୁଠାରୁ ଭଲ ଉପାୟ । ଏହାକୁ ସେମାନେ ସେକେଣ୍ଡ ହନିମୁନ୍ ବୋ

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ବଢୁଛି ଋତୁକାଳୀନ ବ୍ୟାଧି...

ପ୍ରାକୃତିକ ବିପତ୍ତି ମଧ୍ୟରେ ପ୍ରତିବର୍ଷ ବିଭିନ୍ନ ଅଞ୍ଚଳରେ ଋତୁକାଳୀନ ରୋଗବ୍ୟାଧି ବ୍ୟାପିବା ଓଡ଼ିଶାର ଆଉ ଏକ ବିଲକ୍ଷଣତା। ସେ ପୁଣି ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଆସେ, ବିଭିନ୍ନ ଅଞ୍ଚଳରେ ବ୍ୟାପେ ଓ ଏଥିରେ ଅନେକ ମୃତ୍ୟୁମୁଖରେ ପଡ଼ନ୍ତି, ବହୁଲୋକ ମଧ୍ୟ ଅସୁସ୍ଥ ହୁଅନ୍ତି। ଉପକୂଳଠାରୁ ଆରମ୍ଭ କରି ପାର୍ବତ୍ୟାଞ୍ଚଳ, ଜଙ୍ଗଲ ଓ ଖଣି ଖାଦାନପୂର୍ଣ୍ଣ ଇଲାକା, ଆଦିବାସୀବହୁଳ ଅଞ୍ଚଳ, ସବୁଠି ଏହାର ପ୍ରାଦୁର୍ଭାବ ଦେଖାଯାଏ। ବିଶେଷକରି ବର୍ଷାଦିନ ଚାରିମାସ ଓଡ଼ିଶା ପାଇଁ ନାନାପ୍ରକାର ଜଳ ଓ ବାୟୁ ବାହିତ ସଂକ୍ରାମକ ରୋଗ ବ୍ୟାପିବାର ସମୟ। ଏହି ସମୟରେ ମଶାମାଛିଙ୍କ ପ୍ରାଦୁର୍ଭାବ ବଢ଼ିବା ସହିତ ଜୀବାଣୁ ଭୂତାଣୁ ସଂକ୍ରମଣ ବଢ଼ିଥାଏ। ତେଣୁ ହଇଜା, ଝାଡ଼ାବାନ୍ତି, ପେଟରୋଗ, ମେଲେରିଆ, ଡେଙ୍ଗୁ ଜ୍ୱର, ଆନ୍ତ୍ରିକଜ୍ୱର ଭଳି ବିଭିନ୍ନ ଜ୍ୱର, ଡିପ୍‌ଥେରିଆ, ଆନ୍ଥ୍ରାକ୍ସ ଓ ଅନ୍ୟାନ୍ୟ ରୋଗ ଅଧିକ ଦେଖାଦିଏ। ବେଳେବେଳେ ବିଭିନ୍ନ ପ୍ରକାର ଅଜଣା ଜ୍ୱରରେ ଅନେକ ଶିଶୁ ଏବଂ ବାଡ଼ି (ହଇଜା)ରେ ବହୁଲୋକ ଓଡ଼ିଶାର ଆଦିବାସୀବହୁଳ ଦକ୍ଷିଣ-ପଶ୍ଚିମାଞ୍ଚଳରେ ପ୍ରାଣ ହରାଇଥା'ନ୍ତି। ସ୍ୱାସ୍ଥ୍ୟ ସଚେତନତାର ଅଭାବ, ଦୂଷିତ ଖାଦ୍ୟ ଓ ପାନୀୟଜଳ ଏବଂ ଚିକିତ୍ସା ସୁବିଧାର ଅଭାବ ଏହି ସାମୟିକ ବ୍ୟାଧିକୁ ଗୁରୁତର ରୂପ ଦେଇଥାଏ। ଓଡ଼ିଶାରେ ନୂଆ ସରକାର ପାଇଁ ଏହା ଏକ ବଡ଼ ପରୀକ୍ଷା ଏଥର ହୋଇପାରେ। ଏବେ ଓଡ଼ିଶାରେ ସହରାଞ୍ଚଳ ବୃଦ୍ଧି ଫଳରେ ଡେଙ୍ଗୁ ଏକ ନୂଆ ସ୍ୱାସ୍ଥ୍ୟ ସମସ୍ୟା ରୂପେ କାୟା ମେଲୁଛି। ମ୍ୟାଲେରିଆ ଭଳି ଏଥିରେ ମଧ୍ୟ ଅନେକ ଲୋକ ଆକ୍ରାନ୍ତ ହେଉଛନ୍ତି ଏବଂ ବେଳେବେଳେ ମଶକବାହିତ ଏହି ଜ୍ୱରରେ ଲୋକଙ୍କର ଚିକିତ୍ସା ଅଭାବରୁ ମୃତ୍ୟୁ ଘଟୁଛି। ଚଳିତବର୍ଷ ମଧ୍ୟ ରାଜ୍ୟରେ ଡେଙ୍ଗୁ, ମ୍ୟାଲେରିଆ, ଡିପ୍‌ଥେରିଆ, ଝାଡ଼ାବାନ୍ତି ଓ ଅନ୍ୟାନ୍ୟ ଋତୁକାଳୀନ ରୋଗ ସଂକ୍ରମଣ ଆରମ୍ଭ ହୋଇଛି। ସମ୍ବାଦପତ୍ରର ରିପୋର୍ଟରୁ ଯାହା ଜଣାଯାଏ, ଏହିସବୁ ରୋଗ ଉଭୟ ସହର ଓ ଗ୍ରାମାଞ୍ଚଳରେ ବ୍ୟାପୁଛି। କେଉଁ ଅଞ୍ଚଳରେ କେତେ ଲୋକ କି କି ରୋଗରେ ଆକ୍ରାନ୍ତ ହୋଇଛନ୍ତି, ତାହାର ପରିସଂଖ୍ୟାନ ଉଲ୍ଲେଖ କରିବା ଏଠି ଦରକାର ନାହିଁ; କାରଣ ସରକାରୀ ଓ ବେସରକାରୀ ରିପୋର୍ଟ ସର୍ବଦା ଦୁଇଟି ଭିନ୍ନ ତଥ୍ୟ ଦେଇଥାଏ। ବାସ୍ତବ ସ୍ଥିତିକୁ ସରକାର ସର୍ବଦା ଲୁଚାଇ ପରିସ୍ଥିତି ନିୟନ୍ତ୍ରଣାଧୀନ ବୋଲି କହିଥା'ନ୍ତି। ପ୍ରକୃତ ବ୍ୟାଧି ଓ ତାହାର ସଂକ୍ରମଣ ବ୍ୟବସ୍ଥାରେ ମଣିଷ ଅବଶ୍ୟ ଆକ୍ରାନ୍ତ ହେବେ। ତେବେ ସଚେତନତା, ପ୍ରତିକାର, ଚିକିତ୍ସା ଓ ସତର୍କତା ଦ୍ୱାରା ଅନେକ ରୋଗକୁ ଦୂରେଇ ରଖିହେବ ଏବଂ ଏହାର ସଂକ୍ରମଣକୁ ନିୟନ୍ତ୍ରିତ କରାଯାଇପାରିବ। ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୁଝିବା ଓ ଏହାର ପ୍ରତିକାର କରିବା ଦାୟିତ୍ୱ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ବିଭାଗର। ଏହା ନିରବଚ୍ଛିନ୍ନ ଭାବେ ପ୍ରତିବର୍ଷ ଋତୁକାଳୀନ ବ୍ୟାଧିର ମୁକାବିଲା ପାଇଁ କାମ କରୁଛି। ଏଥିପାଇଁ ଏକ ମାନକ କାର୍ଯ୍ୟାନୁଷ୍ଠାନ ନୀତି ଅନୁସରଣ କରାଯାଇଥାଏ। ପୂର୍ବାପେକ୍ଷା ରାଜ୍ୟରେ ଏବେ ଉଭୟ ଗ୍ରାମ ଓ ସହରାଞ୍ଚଳରେ ଡାକ୍ତରଖାନା ସଂଖ୍ୟା ବଢ଼ିଛି। ବଡ଼ବଡ଼ ହସ୍ପିଟାଲ ଓ ସୁପରସ୍ପେଶାଲ ଚିକିତ୍ସା କେନ୍ଦ୍ରମାନ କାମ କରୁଛି। ଗମନାଗମନ ବ୍ୟବସ୍ଥାରେ ଉନ୍ନତି ଘଟିଛି। ତେଣୁ କୌଣସି ସ୍ଥାନରେ କିଛି ଋତୁକାଳୀନ ରୋଗ ବ୍ୟାପିଲେ ଚିକିତ୍ସା ସୁବିଧା ଯୋଗାଣରେ ଆପାତତଃ କିଛି ଅସୁବିଧା ନାହିଁ ବୋଲି କୁହାଯାଇପାରେ। କିନ୍ତୁ ତଥାପି ସମସ୍ୟା ନିୟନ୍ତ୍ରିତ ହେବା ପରିବର୍ତ୍ତେ ବର୍ଷକୁ ବର୍ଷ ବଢୁଥିବା ନିଶ୍ଚିତ ଭାବେ ଚିନ୍ତାଜନକ। ନାଳ ନର୍ଦ୍ଦମା ପଙ୍କ ଓ ପାଣିପୂର୍ଣ୍ଣ। ରାସ୍ତାରେ ଅଳିଆଗଦା ସହିତ ବୁଦୁବୁଦିଆ ଜଙ୍ଗଲ ଓ ଅରମାକୁ କର୍ତ୍ତୃପକ୍ଷ ସଫା କରନ୍ତି ନାହିଁ। ଅନେକ ଅନୁପସ୍ଥିତ ଜମି ଓ ଘର ମାଲିକ (ଆବସେଣ୍ଟ ଲ୍ୟାଣ୍ଡଲର୍ଡ) ସହରାଞ୍ଚଳରେ ନିଜ ଜାଗାକୁ ପାଚେରି ଘେରାଇ ଆଉଟ ହାଉସ୍ ଖଣ୍ଡେ ଖଣ୍ଡେ କରି ସାପ, ପୋକଜୋକ, ମଶା, ମାଛି ଓ ଡାଆଁଶଙ୍କ ପ୍ରଜନନ କେନ୍ଦ୍ରରେ ପରିଣତ କରିଛନ୍ତି। ସେଠାରେ ବୁଶ୍ କଟିଂ ମୁନିସିପାଲିଟି କରେ ନାହିଁ। ପାଖ ପ୍ଲଟରେ ଘର କରିଥିବା ଲୋକେ ଦହଗଞ୍ଜ ଭୋଗିଥା'ନ୍ତି। ଏବେ ସହରାଞ୍ଚଳରେ ଡେଙ୍ଗୁ ଏକ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଛି। ଲୋକେ କେବଳ ସଚେତନ ହେଲେ ଯେ ଡେଙ୍ଗୁକୁ ରୋକିହେବ, ତାହା କହିବା ଠିକ୍ ହେବ ନାହିଁ। ନୂଆ ସରକାରଙ୍କ ପାଇଁ ଏଥିନିମନ୍ତେ ବାସ୍ତବବାଦୀ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ପଡ଼ିବ। ରାଜ୍ୟର ଗ୍ରାମାଞ୍ଚଳ ଡାକ୍ତରଖାନାରେ ଚିକିତ୍ସକ, ଚିକିତ୍ସାକର୍ମୀ ଯେପରି ଆବଶ୍ୟକ ସଂଖ୍ୟାରେ ଉପଲବ୍ଧ ହୁଅନ୍ତି, ତାହାକୁ ସୁନିଶ୍ଚିତ କରିବାକୁ ହେବ। ଏହାସହିତ ଉଭୟ ଗ୍ରାମୀଣ ଓ ସହରାଞ୍ଚଳରେ ସୁଲଭ ସ୍ୱାସ୍ଥ୍ୟ ଓ ନମୁନା ପରୀକ୍ଷା ବ୍ୟବସ୍ଥା ସହିତ ଡାକ୍ତରଖାନାଗୁଡ଼ିକରେ ଆବଶ୍ୟକ ଶଯ୍ୟାର ବ୍ୟବସ୍ଥା କରିବାକୁ ପଡ଼ିବ। ରୋଗୀ ହସ୍ପିଟାଲ ବାରଣ୍ଡାରେ ପଡ଼ି ଚିକିତ୍ସାରୁ ଯେପରି ବଞ୍ଚିତ ନହୁଏ, ତାହାକୁ ସୁନିଶ୍ଚିତ କରାଯିବା ଆବଶ୍ୟକ। ଏହାଛଡ଼ା ପୌରପ୍ରଶାସନଗୁଡ଼ିକୁ ସକ୍ରିୟ ଏବଂ ଉତ୍ତରଦାୟୀ କରି ସଫେଇ ତଥା ପରିଚ୍ଛନ୍ନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ହେବ। ଆମ ବିଚାରରେ ରାଜନୈତିକ ଇଚ୍ଛାଶକ୍ତି ଓ ସକ୍ରିୟତା ରହିଲେ ରାଜ୍ୟ ସରକାର ଏବେ ଓଡ଼ିଶାରେ ମୁଣ୍ଡ ଟେକୁଥିବା ଋତୁକାଳୀନ ବ୍ୟାଧିର ସଫଳ ମୁକାବିଲା କରିପାରିବେ। ଆଗକୁ ଆହୁରି ପ୍ରାୟ ତିନିମାସ ଅଛି। ତେଣୁ ମାତ୍ରାଧିକ ସରକାରୀ ସକ୍ରିୟତା ପ୍ରକାଶ ପାଇବା ଉଚିତ। ନୂଆ ସରକାରଠାରୁ ଲୋକେ ଅନେକକିଛି ଅଧିକ ଆଶା କରିବା ସ୍ୱାଭାବିକ। ଆମର ବିଶ୍ୱାସ, ରାଜ୍ୟ ସରକାର ଏ କ୍ଷେତ୍ରରେ ନିଜର ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରିବେ ଏବଂ ପ୍ରତ୍ୟେକ ମୃତ୍ୟୁ ବା ତ୍ରୁଟି ରୋକିବା ପାଇଁ ସମ୍ପୃକ୍ତ ଅଧିକାରୀ, କର୍ମଚାରୀ ଓ ଲୋକପ୍ରତିନିଧିଙ୍କୁ ଉତ୍ତରଦାୟୀ କରିବେ।

ସୁନାବେଶ କିଆଁ ହେଉ

ବାଉରିବନ୍ଧୁ ଲେଙ୍କା

ନାମ ତୋ କାଳିଆ ସୁନାରେ ତୁ ପୁଣି
ସୁନା ବେଶ କିଆଁ ହେଉ
କଳା ରଙ୍ଗ କଣ ମନକୁ ପାଉନି
ଲୁଚେଇବାକୁ ତୁ ଚାହୁଁ ?

କଳା ଛଡେଇବା ପାଇଁକି ତୁ ବୋଧେ
ସୁନା କୂଅ ପାଣି ଆଣି
ମନ ପୂରେଇ ତୁ ଗାଧୋଇଲୁ ହେଲେ
କଳା ତୋର ଛାଡିଲାନି ?

ଜ୍ୱରରେ ପଡି ତୁ ଅଣବସରରେ
ରହିଲୁ ପନ୍ଦର ଦିନ
ଦଇତା ସେବକ ପାଖରେ ତୋ ରହି
ସେବା କଲେ ରାତିଦିନ ?

କେତେ ଚେରମୂଳି ଓଷ ପଥ୍ୟ ପୁଣି
ଫୁଲୁରି ତେଲର ଘଷା
ଏ ସବୁ ତ ଖାଲି ଥିଲା ତୋ ବାହାନା
ନହେବାକୁ ଲୋକହସା ?

ତଥାପି ସ ନିଶା ଛାଡିଲାନି ତୋର
କଳା ଲୁଚାଇବା ପାଇଁ
ସର୍ବାଙ୍ଗରେ ସ୍ୱର୍ଣ୍ଣ ଆଭୂଷଣ ପିନ୍ଧି
ଦେଖଉଛୁ କେତେ ଛଇ ?

ସେ ପରା ତୋ ଜନ୍ମ କଳାରେ
କାଳିଆ
ଯାହା କଲେ ଲୁଚିବନି
ସେଇ କଳା ପରା ଟାଣଇ ସଭିଙ୍କୁ
ନ ଥିଲେ କେ ଆସିବେନି ?

ଦୁର୍ଗାମାଧବ ନଗର
ଭୁବନେଶ୍ୱର
ମୋ: ୯୮୫୩୫୩୫୮୪୪

ଉତ୍ସାହ ବନାମ ଶୃଙ୍ଖଳା

ଶ୍ରୀବତ୍ସ ନାୟକ

ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନଥିଲେ ସବୁ ଅସାର । ଅର୍ଥାତ୍ ଆପଣ କେତେ ଜ୍ଞାନୀ, କେତେ ଧନୀ ଓ କେତେ ଶିକ୍ଷିତ ସେଇଟା ବଡ଼ କଥା ନୁହେଁ କିନ୍ତୁ ଯଦି ଆପଣ ସୁଚରିତ୍ରବାନ ନୁହନ୍ତି ତେବେ ସେ ଗୁଣ, ଜ୍ଞାନ, ଅର୍ଥର କ'ଣ ବା ପ୍ରୟୋଜନ ଅଛି ! ଶିକ୍ଷା ଏକ ବ୍ୟକ୍ତିର ଜୀବନକୁ ଆଲୋକିତ କରିଥାଏ,କର୍ମ ବ୍ୟକ୍ତିର ପରିଚୟ ପ୍ରଦାନ କରିଥାଏ କିନ୍ତୁ ଶୃଙ୍ଖଳିତ ଜୀବନ ହିଁ ବ୍ୟକ୍ତିର ଚରିତ୍ର ସମ୍ବନ୍ଧରେ ବିବରଣୀ ଦେଇଥାଏ । ତେଣୁ ସୁଚରିତ୍ରବାନ ହେବା ପାଇଁ ହେଲେ ଏକ ବ୍ୟକ୍ତିର ଶୃଙ୍ଖଳା ଜ୍ଞାନ ରହିବା ନିହାତି ଜରୁରୀ । ଶୃଙ୍ଖଳିତ ଜୀବନରେ ପ୍ରଗତି ନିଶ୍ଚିତ । ଅତଏବ ପ୍ରତ୍ୟେକ ବ୍ୟକ୍ତି ଶୃଙ୍ଖଳା **(Discipline)** ଓ ଉତ୍ସାହ **(Enthusiasm)** ମାଧ୍ୟମରେ ଏକ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ହାସଲ କରି ସୁସ୍ଥ ଜୀବନଯାପନ କରିବା ନିହାତି ଜରୁରୀ । କେବଳ ସେତିକି ନୁହେଁ ଯଦିଓ ଶୃଙ୍ଖଳା ଟିକିଏ ପ୍ରତିବନ୍ଧକ ଭଳି ମନେ ହେଉଥିଲେ ମଧ୍ୟ ଯଦି ଉତ୍ସାହ ଓ ଶୃଙ୍ଖଳାର ଉତ୍ତମ ସମନ୍ୱୟ ହୁଏ ତେବେ ଏହା ବ୍ୟକ୍ତିତ୍ୱ ବିକାଶର ଦିଗଦର୍ଶନ ହୋଇଥାଏ । ଉତ୍ସାହ, ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଜୁଆର ଓ ଭଟ୍ଟା ଭଳି ଆସିଥାଏ ଓ ଯାଇଥାଏ କିନ୍ତୁ ଶୃଙ୍ଖଳା ବ୍ୟକ୍ତିର ପ୍ରଗତିକୁ ଊର୍ଦ୍ଧ୍ୱମୁଖୀ କରାଇଥାଏ,ଏଥିରେ ସନ୍ଦେହ ନାହିଁ । କିନ୍ତୁ ସାମ୍ପ୍ରତିକ ସମୟରେ ମଣିଷ କୌଣସି ନକରାତ୍ମକ ପ୍ରଭାବରେ ପ୍ରଭାବିତ ହୋଇ ଅତ୍ୟଧିକ ଉତ୍ସାହିତ ହେବା ଦ୍ୱାରା ନିଜର ହିତାହିତ ଜ୍ଞାନ ହରେଇବସେ ଓ ନୀତି ନୈତିକତାକୁ ଭୁଲିଯାଇ ଶୃଙ୍ଖଳାର ଶୃଙ୍ଖଳକୁ ଛିଣ୍ଡାଇ ଅସାମାଜିକ କାର୍ଯ୍ୟରେ ଲିପ୍ତ ରୁହେ । ଫଳସ୍ୱରୂପ ମଣିଷ ଅମଣିଷ ପାଲଟିଯାଏ ଏବଂ ଅନେକ ଅମାନବୀୟ କାର୍ଯ୍ୟ କରି ସମାଜରେ ନିନ୍ଦିତ ହୁଏ । ଚେତନାର ଇନ୍ଦ୍ରିୟକୁ ଜାଗ୍ରତ କରି ଯଦି ମଣିଷ ଉତ୍ସୁକତାକୁ ନିଜ ନିୟନ୍ତ୍ରଣ ମଧ୍ୟରେ ରଖିବ ତେବେ ନିଶ୍ଚିତ ତାର ପୂର୍ଣ୍ଣ ବିକାଶ ହେବା ସହ ସୁସ୍ଥ ସମାଜ ଗଠନ ହୋଇପାରିବ ।

ଉତ୍ସାହ ଓ ଶୃଙ୍ଖଳା ବ୍ୟକ୍ତିତ୍ୱ ବିକାଶର ତଥା ବ୍ୟକ୍ତିର ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଥିବା ଦୁଇଟି ଗୁଣ ।

ଶୃଙ୍ଖଳା ଓ ଉତ୍ସାହ ଉଭୟର ସଂଯୋଗ ହିଁ ଏକ ବ୍ୟକ୍ତିର ସଫଳତାର ମୁଖ୍ୟ ରହସ୍ୟ ।ଜୀବନର ପ୍ରତିଟି ମୁହୂର୍ତ୍ତକୁ ନିହିତ ଅର୍ଥରେ ବ୍ୟବହାର କରି କର୍ତ୍ତବ୍ୟ, ଅନୁଶାସନ ଓ ବିବେକର ନିର୍ଦ୍ଦେଶରେ ଅନୁଧାବନ କରିବା ହିଁ ଶୃଙ୍ଖଳା । ଏହା ବ୍ୟକ୍ତିକୁ ଦୃଢ ଓ ସଂଗଠିତ କରିବା, ଆବଶ୍ୟକ କାର୍ଯ୍ୟକୁ ସଠିକ୍ ସମୟରେ ସଂପାଦନ କରିବା, ଲକ୍ଷ୍ୟ ପ୍ରାପ୍ତି ହେବା, ଭବିଷ୍ୟତ ପାଇଁ ସୁସଜ୍ଜିତ ହେବା, ଲକ୍ଷ୍ୟ ଓ ଲକ୍ଷ୍ୟ ସାଧନ ପାଇଁ ପଥ ନିର୍ଦ୍ଦିଷ୍ଟ କରିବା, ବିଶ୍ୱାସ ଭାବ ଜାଗ୍ରତ କରିବାରେ ସାହାଯ୍ୟ କରିଥାଏ । ଅନ୍ୟପକ୍ଷରେ ଦେଖିଲେ ଶୃଙ୍ଖଳା ଏକ ବ୍ୟକ୍ତିକୁ ନିୟନ୍ତ୍ରଣ ମଧ୍ୟରେ ରଖିଥାଏ, ସଫଳତା ପାଇଁ ପ୍ରେରଣା ଦିଏ, ଜୀବନରେ ନିୟମ ଓ ସୁସଙ୍ଗତି ଆଣିଥାଏ, ଆଚରଣ ଓ ଉଚ୍ଚାରଣକୁ ନିୟନ୍ତ୍ରଣ କରେ, ଚିନ୍ତାଧାରାକୁ ଉନ୍ନତ କରେ, ଅନୁଶାସନ ଜୀବନଶୈଳୀ ଆତ୍ମଜ୍ଞାନ ଓ ପରିକଳ୍ପନା କରିବାରେ ସାହାଯ୍ୟ କରେ,ବ୍ୟକ୍ତିକୁ ମାର୍ଜିତ ଓ ସଂସ୍କାର କରେ । କେବଳ ସେତିକି ନୁହେଁ ବରଂ ଶୃଙ୍ଖଳା ଏକ ବ୍ୟକ୍ତିର ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିଥାଏ । ଫଳରେ ଅନେକ ଅସମ୍ଭବ ମନେ ହେଉଥିବା କାର୍ଯ୍ୟ ଅକ୍ଳେଶରେ ସମ୍ପାଦିତ ହୋଇପାରେ । ଅନୁରୂପ ଭାବେ ଉତ୍ସାହ ହେଉଛି ଉତ୍ସୁକତା ଓ ଉଦ୍ଦୀପନା,ଯାହା କୌଣସି କାର୍ଯ୍ୟକୁ ସର୍ବୋତ୍ତମ ଭାବେ କରିବା ପାଇଁ ମନକୁ ପ୍ରେରଣା ଦିଏ । ଆବିଷ୍କାର, ପରିବର୍ତ୍ତନ, ପ୍ରେରଣା, ସୃଜନଶୀଳତା, ଜିଜ୍ଞାସୁତା, ହୃଦୟଗତ ଜୋଶ୍ ଓ ଉଦ୍ୟମ ହିଁ ଉତ୍ସାହର ପରିସରଭୁକ୍ତ । ଏହା ଜୀବନକୁ ଉଜ୍ଜ୍ୱଳ କରେ, ମନରେ ଖୁସି ଆଣେ, ଆତ୍ମବିଶ୍ୱାସ ବଢାଏ, ସଫଳତାର ମାର୍ଗକୁ ଖୋଲିଥାଏ, ଚାଲିବାକୁ ଓ ଅଗ୍ରସର ହେବାକୁ ପ୍ରେରଣା ଦିଏ, ସ୍ୱପ୍ନ ସାକାର ପାଇଁ ପ୍ରସ୍ତୁତ କରାଏ, କାର୍ଯ୍ୟ କରିବା ପାଇଁ ଆଗ୍ରହ ସୃଷ୍ଟିକରେ, ସହକର୍ମୀ ଓ ପ୍ରତିବେଶୀମାନଙ୍କୁ ସହାନୁଭୂତି ଓ ସହାୟତା ପ୍ରଦାନ କରିବାରେ ପ୍ରୋତ୍ସାହିତ କରେ । ଶୃଙ୍ଖଳା ବିନା ଜୀବନ ନିଷ୍କ୍ରିୟ ଓ ମୂଲ୍ୟହୀନ ହୋଇପଡେ । ଯେଉଁ ବ୍ୟକ୍ତି ଯେତେ ଶୃଙ୍ଖଳିତ ସେ ବ୍ୟକ୍ତି ସେତେ ଉନ୍ନତ । ଉନ୍ନତ ଜୀବନଯାପନ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ଶୃଙ୍ଖଳାକୁ ନିଜର ଜୀବନଶୈଳୀ ରୂପେ ବିବେଚନା କରିବା ଜରୁରୀ । ଫଳରେ ନିଜେ ଶୃଙ୍ଖଳିତ ହେବା ସହ ଅନ୍ୟକୁ ମଧ୍ୟ ସେ ଶୃଙ୍ଖଳିତ ହେବା ପାଇଁ ପରାମର୍ଶ ଦେଇଥାଏ । ଏତଦବ୍ୟତୀତ ଏକ ଶୃଙ୍ଖଳିତ ବ୍ୟକ୍ତିର କଥାବାର୍ତ୍ତା, ଚାଲିଚଳନ, ବେଶଭୂଷା, ଆଚାର ବ୍ୟବହାର ମଧ୍ୟ ନିଜ ଅଜ୍ଞାତରେ ଅନ୍ୟକୁ ଅନେକ ଶିକ୍ଷା ଓ ପ୍ରେରଣା ଦେଇଥାଏ । ଶୃଙ୍ଖଳା ବିଶେଷ କରି ଅଭ୍ୟାସରୁ ହିଁ ସୃଷ୍ଟି ହୋଇଥାଏ । ଅଧୁନା ଆମେ ପ୍ରାୟ ସମସ୍ତେ ଶିକ୍ଷିତ କିନ୍ତୁ ଆମର ଜୀବନ ଶୃଙ୍ଖଳିତ ନୁହେଁ କାହିଁକି ଶିକ୍ଷାରେ ଜ୍ଞାନର ଘୋର ଅଭାବ ରହିଛି । ଫଳରେ ଦୈନିକ ସମାଜରେ ଅନେକ କୁକାର୍ଯ୍ୟ ଘଟୁଛି । ଖାଲି ପାଠ ପଢ଼ିଲେ କିମ୍ବା ଉଚ୍ଚ ଶିକ୍ଷିତ ହେଲେ ଯେ ଶୃଙ୍ଖଳାଗତ ଜ୍ଞାନ ବିକଶିତ ହେବା ତାହା ନୁହେଁ ବରଂ ନିଜର ଚେତନାର ଇନ୍ଦ୍ରୀୟକୁ ପରିବ୍ୟାପ୍ତ କରି ମାନବ ଜୀବନର ବୃହତ୍ତର ପରିଧିକୁ ଆତ୍ମ ସମୀକ୍ଷା କଲେ ଆତ୍ମଶୃଙ୍ଖଳ ସୃଷ୍ଟି ହୁଏ। ଏହା ଦ୍ୱାରା ମଣିଷ ଭୁଲ୍ ଠିକ୍ ର ବିଚାର କରେ, ନୀତି ଅନୀତି ଦୁର୍ନୀତିର ତର୍ଜମା କରେ, ଇଶ୍ୱରଙ୍କ ସତ୍ତାକୁ ଅନୁଭବ କରେ, ସୃଷ୍ଟିର ରହସ୍ୟ ଉନ୍ମୋଚନ କରେ, ଫଳରେ ସମାଜର ହିତ ସାଧିତ ହୋଇଥାଏ । ବ୍ୟକ୍ତିର ଜୀବନକୁ ଉତ୍ସାହ ପ୍ରତି ମୁହୂର୍ତ୍ତରେ ତରଙ୍ଗାୟିତ କରିଥାଏ । ଯଦିଓ ଉତ୍ସାହ ଓ ଶୃଙ୍ଖଳା ପରସ୍ପର ପରିପୂରକ ତଥାପି ଅନେକ ସମୟରେ ବ୍ୟକ୍ତିଟି ଉତ୍ସାହକୁ ନିଜ ନିୟନ୍ତ୍ରଣାଧୀନ ନକରିପାରି ଅତ୍ୟଧିକ ଭାବପ୍ରଣିତ ହୋଇ ଅନେକ ସମୟରେ ନିଜ ଅଜ୍ଞାତରେ ଅନେକ କାର୍ଯ୍ୟ କରିଥାଏ ଯାହାକୁ ଏ ସଭ୍ୟ ସମାଜ କେବେ ଗ୍ରହଣ କରିନଥାଏ। ଫଳସ୍ୱରୂପ ଅଯଥାରେ ମଣିଷ ନିନ୍ଦିତ ହୋଇ ଅପଦସ୍ତ ହୁଏ ।

ସର୍ବଧର୍ମ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ଅଷ୍ଟାଦଶ ନିର୍ବାଚନ ସମୟରେ ଦେଶର ଶୀର୍ଷ ଶ୍ରେଣୀର ନେତୃତ୍ୱକୁ ଅତି ନିକଟରେ ପାଇ ଅତ୍ୟଧିକ ଉତ୍ସାହିତ ଓ ଆତ୍ମବିଭୋର ହୋଇ ଜଣେ ନେତା ପୁରୀରେ ନିଜର ନିୟନ୍ତ୍ରଣ ହରାଇ ଯେଉଁ ଭଳି ବକ୍ତବ୍ୟ ଦେଲେ ତାହା ସାଧାରଣରେ ଆଦୌ ଗ୍ରହଣୀୟ ନୁହେଁ । ଯଦିଓ ପରବର୍ତ୍ତୀ ସମୟରେ ସେ ଏହାକୁ ନେଇ ଅତ୍ୟନ୍ତ ଦୁଃଖିତ ଥିଲେ, କ୍ଷମା ପ୍ରାର୍ଥନା କଲେ, ଏହିଭଳି ଉକ୍ତିକୁ ସେ ସ୍ଲିପ୍ ଅଫ୍ ଟଙ୍ଗ ବୋଲି କହି ଏଡାଇ ଦେଇଥିଲେ କିନ୍ତୁ ସମାଜ ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନାହିଁ କି କେବେ ଏହାକୁ ଗ୍ରହଣ କରିବ ନାହିଁ । ଉତ୍ସାହ ସାମୟିକ ଓ ଅସ୍ଥାୟୀ ତେଣୁ ଉତ୍ସାହକୁ ସବୁବେଳେ ନିଜର ନିୟନ୍ତ୍ରଣାଧୀନ କରି ନିଜେ ଆଗ ଆତ୍ମ ଶୃଙ୍ଖଳିତ ହେଲେ ହେଁ ବ୍ୟକ୍ତିଗତ ତଥା ସାମାଜିକ ପ୍ରଗତି ସମ୍ଭବପର ହେବ। ଶୃଙ୍ଖଳା ଓ ଉତ୍ସାହର ସମିଶ୍ରଣରେ ବ୍ୟକ୍ତିଗତ ଜୀବନର ସାର୍ଥକତା ଓ ସାମାଜିକ ବିକାଶ ହୋଇଥାଏ ।ଉତ୍ସାହ ଶୃଙ୍ଖଳା ମାଧ୍ୟମରେ ସନ୍ତୁଳନ ରଖିଲେ ଆମେ ଯେକୌଣସି ସମସ୍ୟାର ସମାଧାନ କରିପାରିବା । ଶୃଙ୍ଖଳା ଏକ ନିଷ୍ଠାପର ଓ ନିର୍ଦ୍ଦେଶାତ୍ମକ ମାନସିକ ଅବସ୍ଥା,ଯାହା କିଛି ନିର୍ଦ୍ଧିଷ୍ଟ ଲକ୍ଷ୍ୟପ୍ରାପ୍ତି ଦିଗରେ ଆମକୁ ପ୍ରେରିତ କରିଥିବା ବେଳେ ଉତ୍ସାହ ସେହି ଶୃଙ୍ଖଳାଗତ ପ୍ରକ୍ରିୟାକୁ ଚାଲୁ ରଖିବାକୁ ଶକ୍ତି ଦେଇଥାଏ ସତ କିନ୍ତୁ ଯଦିଓ ଏ ଦୁଇଟି ମଧ୍ୟରେ ସଠିକ୍ ସନ୍ତୁଳନ ନରୁହେ ତେବେ ମଣିଷ ବିପଥଗାମୀ ହୋଇଥାଏ । ଆତ୍ମଚେତନା ଓ କଠୋର ଅନୁଶାସନ ମଧ୍ୟରେ ନିଜକୁ ନିୟନ୍ତ୍ରିତ କରି ଶୃଙ୍ଖଳାଗତ ଅଭ୍ୟାସକୁ ଆପଣାଇନେଲେ ଜୀବନ ସୁଖମୟ ହେବ ଏଥିରେ ସନ୍ଦେହ ନାହିଁ ।

ଅଧ୍ୟାପକ, ବାଣିଜ୍ୟ ବିଭାଗ,
ବ୍ରାହ୍ମଣଝରିଲୋ
ମହାବିଦ୍ୟାଳୟ,କଟକ ।
ମୋ: ୯୪୩୮୦୭୦୮୪୯

ମସ୍କୋରେ ମୋଦି

ସୌମେନ୍ଦ୍ର

ପିଲାଙ୍କୁ ଶିଖାନ୍ତୁ ଉତ୍ତମ ବ୍ୟବହାର

ପିଲାଙ୍କୁ ଉତ୍ତମ ବ୍ୟବହାର ଶିଖାଇବା ଅଭିଭାବକଙ୍କର ପ୍ରଥମ କର୍ତ୍ତବ୍ୟ। ଏ ସମ୍ପର୍କର ଜାଣନ୍ତୁ କିଛି ଟିପ୍ସ।

-ପିଲାକୁ ଉତ୍ତମ ବ୍ୟବହାର ବିଷୟରେ ଶିକ୍ଷା ଦେବା ପୂର୍ବରୁ ପ୍ରଥମେ ନିଜର ବ୍ୟବହାର ଠିକ୍ ରଖନ୍ତୁ। ଗୁରୁଜନଙ୍କୁ ସମ୍ମାନ ଦେବାକୁ ପିଲାଙ୍କୁ କୁହନ୍ତୁ।

- ନିଜର ବ୍ୟବହାର କିପରି ସବୁବେଳେ ମାର୍ଜିତ ହେବ ସେ ନେଇ ପ୍ରଥମେ ଧ୍ୟାନ ଦିଅନ୍ତୁ। ଏ ବିଷୟରେ ପିଲାକୁ ଶିଖାଇବା ଦ୍ୱାରା ସେମାନଙ୍କର ଆଚାର ବ୍ୟବହାରରେ ପରିବର୍ତ୍ତନ ଆସିଥାଏ।

- ବେଳେବେଳେ ପିଲାଙ୍କୁ ଶାସନ କଲାବେଳେ ଅଭିଭାବକମାନେ ଅତ୍ୟଧିକ ରାଗି ଯାଆନ୍ତି। ଏହି ସମୟରେ ପିଲାମାନଙ୍କୁ ଆମେ ବଡ଼ ପାଟିରେ ତାଗିଦ୍ କରିଥାଉ। ପରବର୍ତ୍ତୀ ସମୟରେ ପିଲାମାନେ ଠିକ୍ ସେହିଭଳି କହିବା ଆରମ୍ଭ କରିଥାଆନ୍ତି। ତେଣୁ ପିଲାଙ୍କର ଏଭଳି ବ୍ୟବହାର ପ୍ରତି ସତର୍କ ରହିବା ସହ ସେମାନେ କିପରି ଏଥିରୁ ବିରତ ରହିବେ ସେ ନେଇ ସେମାନଙ୍କୁ ଶିଖାନ୍ତୁ।

- ପିଲା କିଛି ଭଲ କାମ କଲେ ତା'ର ପ୍ରଶଂସା କରନ୍ତୁ। ଏହା ଦ୍ୱାରା ସେ ଅନ୍ୟର ଭଲ ଗୁଣ ଦେଖି ପ୍ରଶଂସା କରିବ।

- ପିଲା ଯଦି କୌଣସି ଭୁଲ କାମ କରୁଛି ତେବେ ସେ ନେଇ ତାକୁ ବୁଝାନ୍ତୁ। ଏହାଦ୍ୱାର ସେ ଭବିଷ୍ୟତରେ କୌଣସି ଭୁଲ କଲେ ତାହା ନିଜେ ଜାଣିପାରିବ। ଭଲକୁ କିପରି ସୁଧାରି ପାରିବ ସେ ନେଇ ଶିଖାନ୍ତୁ।

- ଅନ୍ୟମାନଙ୍କୁ କିପରି ବିନମ୍ର ବ୍ୟବହାର କରିବ ସେ ନେଇ ଶିଖାନ୍ତୁ। ଏହାଦ୍ୱାରା କେବଳ ବାହାରେ ନୁହେଁ ସ୍କୁଲରେ ମଧ୍ୟ ସେ ଅନ୍ୟମାନଙ୍କ ଦ୍ୱାରା ପ୍ରଶଂସାର ପାତ୍ର ହେବେ ।

ନିଦ ହେଉଛି ତ ଖାଆନ୍ତୁ ଏହି ୭ଟି ଖାଦ୍ୟ

ଭଲ ଦିନ ପାଇଁ ମଣିଷ ଅନେକ କିଛି କରିଥାଏ। ଦରକାର ପଡ଼ିଲେ ନିଦ ପାଇଁ ବିଭିନ୍ନ ଔଷଧ ସେବନ ମଧ୍ୟ କରିଥାଏ। ହେଲେ ଏମିତି କିଛି ଖାଦ୍ୟ ଅଛି, ଯାହାକୁ ଶୋଇବାକୁ ଯିବା ପୂର୍ବରୁ ଖାଇଲେ ଭଲ ନିଦ ହୋଇଥାଏ।

ଭାତ-ପଖାଳ ଖାଇଲେ ଭଲ ନିଦ ହୋଇଥାଏ। କାହିଁ କେତେ କାଳରୁ ଓଡ଼ିଶାର ଲୋକପ୍ରିୟ ଖାଦ୍ୟ ଭାବେ ବେଶ୍ ପରିଚିତ। ଏହା ମଧ୍ୟ ସତ ଯେ, ଯୁକ୍ତରାଷ୍ଟ୍ର ଆମେରିକାରେ ନିଦ୍ରାହୀନତା ବା ଇନସୋମାନିଆ ବିଷୟରେ ଗବେଷଣା କରୁଥିବା ଡାକ୍ତରମନେ ଏହା କହିଛନ୍ତି। ଏହା ମସ୍ତିଷ୍କରେ ନ୍ୟୁରୋ ଟ୍ରାନ୍ସମିଟର ସିରୋଟିନର



ପ୍ରବାହକୁ ବୃଦ୍ଧି କରାଇଥାଏ। ଏହାଦ୍ୱାରା ମଣିଷ ଶାନ୍ତି ଅନୁଭବ କରେ ଓ ଭଲ ନିଦ ହୋଇଥାଏ।

ଅଣ୍ଡା- ଅଣ୍ଡା ଏକ ପୁଷ୍ଟିକର ଖାଦ୍ୟ। ଶୋଇବାର ଯଥେଷ୍ଟ ପୂର୍ବରୁ ଏହାକୁ ଖାଇବାକୁ ପଡ଼ିଥାଏ। ଅଣ୍ଡାରେ ଭିଟାମିନ-ଡିର ମାତ୍ରା ଅଧିକ ରହିଥାଏ। ଭିଟାମିନ-ଡି ମସ୍ତିଷ୍କର ନ୍ୟୁରନ ଉପରେ ପ୍ରଭାବ ପକାଇଥାଏ। ଏଥିପାଇଁ ଭଲ ନିଦ ହୁଏ ବୋଲି ଗବେଷକମାନେ ମତ ପ୍ରକାଶ କରିଛନ୍ତି।

ଉଷୁମ କ୍ଷୀର-ଅଣ୍ଡା ପରି କ୍ଷୀର ଏକ ଉତ୍ତମ ଖାଦ୍ୟ। ଆମିଷ ଖାଉ ନଥିବା ବ୍ୟକ୍ତି ଏହାକୁ ପିଇ ପାରିବେ। କ୍ଷୀରରେ ପ୍ରଚୁର ମାତ୍ରାରେ କ୍ୟାଲସିଅମ ରହିଥାଏ। ଏହା ସହ ଏଥିରେ ଆମିନୋ ଏସିଡ୍ ଓ ଟ୍ରାଇପ୍ଟୋଫେନ ଓ ଭିଟାମିନ-ଡି ରହିଛି। ଏହି ସବୁ ଉପାଦାନ ଶରୀରରେ ମେଲାଟେନିନ ପ୍ରସ୍ତୁତ କରିଥାଏ। ଏଥିଯୋଗୁଁ ନିଦ୍ରାହୀନତାର ହ୍ରାସ ପାଇଥାଏ।

କାଜୁ-କ୍ଷୀର ପରି କାଜୁ ବାଦାମ ମଧ୍ୟ ଏକ ସୁଷମ ଖାଦ୍ୟ। ଶୋଇବା ପୂର୍ବରୁ କିଛି କାଜୁ ଖାଇଲେ ବି ଏହା ଭଲ ନିଦର କାରଣ ହୋଇଥାଏ। ମ୍ୟାଗ୍ନେସିୟମ ଓ ଅନ୍ୟାନ୍ୟ ମିନେରାଲ ରହିଛି କାଜୁରେ। ଯାହାଯୋଗୁଁ ସୁନିଦ୍ରା ଆସିଥାଏ।

କନ୍ଦମୂଳ- କନ୍ଦମୁଳରେ ପ୍ରଚୁର ମାତ୍ରାରେ ମ୍ୟାଗ୍ନେସିୟମ ରହିଛି। ଏହା ନିଦ୍ରାହୀନତା ଦୂର କରିବାରେ ସାହାଯ୍ୟ କରିଥାଏ।

ଅଖରୋଟ- ଏବେ ବଜାରରେ ସହଜରେ ଅଖରୋଟ ଉପଲବ୍ଧ। ଏଥିରେ ମେଲାଟୋନିନ ତତ୍ତ୍ୱ ରହିଛି। ଯାହା ଭଲ ନିଦ କରାଇବାରେ ସାହାଯ୍ୟ କରିଥାଏ।

ସମୁଦ୍ରିକ ମାଛ- ବିଭିନ୍ନ ସମୁଦ୍ରିକ ମାଛ ଖାଇବା ଫଳରେ ନିଦ ଭଲ ହୋଇଥାଏ। ଏଥିରେ ଓମେଗା-୩ ସହ ବିଭିନ୍ନ ଫ୍ୟାଟି ଏସିଡ୍ ରହିଛି। ଯାହା ଭଲ ନିଦ କରିବାରେ ସାହଯ୍ୟ କରେ।

ସ୍ୱାସ୍ଥ୍ୟ ସମସ୍ୟା ଦୂରକାରୀ ସର୍ବାଙ୍ଗସନ

କିପରି କରିବେ:

- ଆସନ ଉପରେ ଦୁଇ ଗୋଡ଼କୁ ଯୋଡ଼ି ସିଧା ଶୋଇ ରୁହନ୍ତୁ।
- ଦୁଇ ଗୋଡ଼କୁ ୯୦ ଡିଗ୍ରୀ ଉଚ୍ଚତାରେ ଧୀରେ ଧୀରେ ଉଠାନ୍ତୁ। ଏହି ସମୟରେ ଦୁଇ ହାତର ପାପୁଲି ଭୂଇଁକୁ ଲଗାଇ ରଖିବେ।
- ଏହା ପରେ ଦୁଇ ହାତ ସାହାଯ୍ୟରେ ଅଣ୍ଟାର ଦୁଇ ପାଖକୁ ଉପରକୁ ଉଠାନ୍ତୁ। ଏପରି ଉଠାଇବେ ଗୋଡ଼ ଦୁଇଟି ଯେପରି ସିଧା ଓ ସ୍ଥିର ରୁହେ।
- ଦୁଇ ଆଖିର ନଜର ପାଦର ବୁଢ଼ା ଆଙ୍ଗୁଠିରେ ରଖିବେ। ଏହି ଆସନରେ ଦୁଇରୁ ତିନି ମିନିଟ୍ ପର୍ଯ୍ୟନ୍ତ ରୁହନ୍ତୁ।
- କିଛି ସମୟ ପରେ ପ୍ରଥମେ ଧୀରେ ଆଗ ଦୁଇ ଗୋଡ଼କୁ ଆଣ୍ଠୁ ପାଖରୁ ଭାଙ୍ଗି ତଳକୁ ଖସାନ୍ତୁ ଓ ପରେ ପୁରା ଶରୀରକୁ ଖସାଇ ପୂର୍ବ ପରି ସିଧା ଶୋଇ ରୁହନ୍ତୁ। ଏହି ଆସନ କଲେ ଭଲ ଶ୍ୱାସକ୍ରିୟା, ହଜମ ଏବଂ ରକ୍ତ ସଞ୍ଚାଳନ ଉତ୍ତମ ରୂପେହୁଏ।
- ଥାଇରଏଡ୍ ସମସ୍ୟା ଦୂର ହୁଏ।
- କେଶ ଝଡ଼ିବା ଓ ଅସମୟରେ କେଶ ଧଳା ହେବା ସମସ୍ୟାରେ ନିୟନ୍ତ୍ରଣ ଆଣେ।
- ପ୍ରତିଦିନ ଅଭ୍ୟାସ ଦ୍ୱାରା ଶରୀରର ଓଜନ ଅଧିକ କିମ୍ବା କମ୍ ଥିଲେ ଏଥିରେ ନିୟନ୍ତ୍ରଣ ଆଣେ ଏବଂ ଦୃଷ୍ଟି ଶକ୍ତି ବଢ଼ାଏ।



ସର୍ବାଙ୍ଗସନ ଏପରି ଗୋଟିଏ ଆସନ ଯାହାର ବହୁ ସ୍ୱାସ୍ଥ୍ୟଗତ ଉପକାରିତା ରହିଛି। ଏହି ଆସନରେ ପୂରା ଶରୀର କାର୍ଯ୍ୟକ୍ଷମ ହୋଇଯାଏ।

କେତେ ଉପକାରୀ ଗାଜର

- ନିୟମିତ ଗାଜର ଖାଇବା ଦ୍ୱାରା ଦୃଷ୍ଟିଶକ୍ତି ଆହୁରି ପ୍ରଖର ହୋଇଥାଏ।
- ଗାଜରରେ କ୍ୟାନସର ପ୍ରତିହତ ଶକ୍ତି ରହିଛି। ବିଶେଷ ଭାବରେ ବ୍ରେଷ୍ଟ କ୍ୟାନସର ଏବଂ କଲୋନ କ୍ୟାନସର ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ବୟସ ବଢ଼ିବା ସହ ଏହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଏହି ସମୟରେ ଶରୀର ଭିତରେ କୋଷ (ସେଲ) ଗୁଡ଼ିକ ନଷ୍ଟ ହେବା ଆରମ୍ଭ କରିଥାଆନ୍ତି। କିନ୍ତୁ ବୟସ୍କ ବ୍ୟକ୍ତିମାନେ ଯଦି ନିୟମିତ ଖାଦ୍ୟ ତାଲିକାରେ ଗାଜର ସାମିଲ କରନ୍ତି ତେବେ ତାହା ସେମାନଙ୍କର କୋଷକୁ ସୁରକ୍ଷିତ ରଖିଥାଏ।
- ଗାଜରରେ ଭିଟାମିନ 'ଏ' ଭରି ରହିଛି। ଏହାକୁ ଖାଇବା ଦ୍ୱାରା ଚର୍ମଜନିତ ରୋଗ ହେବାର ଆଶଙ୍କା ଅନେକାଂଶରେ କମ ଥାଏ।
- ଶରୀର ଭିତରେ ସଂକ୍ରମଣ (ଇନଫେକଶନ)କୁ ପ୍ରତିହତ କରିବାରେ ଗାଜର ସାହାଯ୍ୟ କରିଥାଏ।
- ଗାଜରର ଅଉ ଏକ ଉପକାରୀ ଗୁଣ ରହିଛି। ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ହୃଦରୋଗୀଙ୍କ ପାଇଁ ଏହା ଏକ ଉତ୍ତମ ଖାଦ୍ୟ।
- ଏହାକୁ ନିୟମିତ ଖାଇଲେ ତାହା ଉଭୟ ଦାନ୍ତ ଏବଂ ମାଢ଼ିକୁ ସୁରକ୍ଷିତ ରଖିଥାଏ।

ମସ୍ତିଷ୍କର ଆୟତନ ବୃଦ୍ଧି କରେ ଏରୋବିକ୍

ଏକ ସପ୍ତାହକୁ ଚାରିଥର ଏରୋବିକ କରୁଥିବା ବ୍ୟକ୍ତିଙ୍କ ମସ୍ତିଷ୍କ ଆୟତନ ବୃଦ୍ଧି ହୋଇଥାଏ ବୋଲି ଏହି ରିସର୍ଚ୍ଚରୁ ଜଣାପଡ଼ିଛି। ଆମେରିକାରେ ନର୍ଥ କାରୋଲିନାର ବେକ୍ ଫରେଷ୍ଟ ବିଶ୍ୱବିଦ୍ୟାଳୟର ପ୍ରଫେସର ଜିୟୋଙ୍ଗରୁଲ କିମଙ୍କ ମତରେ ଯେକୌଣସି ପ୍ରକାର ବ୍ୟାୟାମ ମସ୍ତିଷ୍କ ପାଇଁ ଲାଭକାରୀ ଅଟେ। କିନ୍ତୁ ଏରୋବିକ ଗତିବିଧି ମସ୍ତିଷ୍କର ଉଚ୍ଚ ସଂଜ୍ଞାନମୂକ କାର୍ଯ୍ୟ ପ୍ରତି ଅଧିକ ଲାଭଦୟକ ବୋଲି ରିସର୍ଚ୍ଚରୁ ଜଣାପଡ଼ିଥିଲା। ଏମସିଆଇ (ହାଲକା ସଂଜ୍ଞାତ୍ମକ ବ୍ୟକ୍ତି)ଙ୍କ ମସ୍ତିଷ୍କରେ ଏହା ପ୍ରଭାବ ପଡ଼ିଥାଏ ଓ ସେମାନଙ୍କ ସ୍ମୃତିଶକ୍ତି ତଥା ବିଚାର କୌଶଳ ଉନ୍ନତ ହୋଇଥାଏ। ଏହା ଆଲଜେମିଅର ରୋଗର ଆଶଙ୍କା ମଧ୍ୟ କମାଇଥାଏ। ଏରୋବିକ୍ ଅଳ୍ପଦିନ ମଧ୍ୟରେ ମସ୍ତିଷ୍କର ଉନ୍ନତି ଘଟାଇଥାଏ। ଅଧ୍ୟୟନ ଦଳ ୩୫ରୁ ଅଧିକ ଏମସିଆଇ ବ୍ୟକ୍ତିଙ୍କୁ ଚ ପରୀକ୍ଷଣ କରିଥିଲେ। ପ୍ରତିଯୋଗଙ୍କୁ ଦୁଇଟି ଭାଗରେ ବିଭକ୍ତ କରାଯାଇ ସପ୍ତାହକୁ ଚାରିଥର ବିଭିନ୍ନ ବ୍ୟାୟାମ କରାଯାଇଥିଲା। ଛଅମାସ ପରେ ସେମାନଙ୍କ ମସ୍ତିଷ୍କର ଗ୍ରେ ଅଂଶର ଆୟତନ ବୃଦ୍ଧି ପାଇଥିବା ଦେଖାଯାଇଥିଲା।

ଶରୀର ପାଇଁ କେତେ ଉପକାରୀ ସଜନା ଶାଗ, ଜାଣନ୍ତି କି ?

ସଜନା ଶାଗରେ ଭିଟାମିନ୍ ଏ, ଭିଟାମିନ୍ ସି, କ୍ୟାଲସିୟମ୍, ପୋଟାସିୟମ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ପରି ଭଲ ପରିମାଣର ପୋଷକ ତତ୍ତ୍ୱ ରହିଥାଏ। ଯାହା ଫଳରେ ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ଏବଂ ଅନେକ ରୋଗର ମୁକାବିଲା କରିବାରେ ସାହାଯ୍ୟ କରିଥାଏ।

ରକ୍ତହୀନତାକୁ ରୋକିବାରେ ସହାଯ୍ୟ କରେ ସଜନା: ସଜନା ଗଛ ଯାହାର ବୈଜ୍ଞାନିକ ନାମ ହେଉଛି 'ମୋରିଙ୍ଗା ଓଲିଫେରା'। ଏହାର ପତ୍ର ଫଳ, ମଞ୍ଜି, ଛାଲ, ମୂଳ ଇତ୍ୟାଦି ସବୁ ବ୍ୟବହୃତ ହୁଏ। ସଜନା ଶାଗ 'ଚମତ୍କାର ବୃକ୍ଷ' ଏହାକୁ 'ଡ୍ରମଷ୍ଟିକ୍ ପ୍ଲାଣ୍ଟ' ମଧ୍ୟ କୁହାଯାଏ କାରଣ ଏହାର ମଧ୍ୟ ଅନେକ ଗୁଣ ଅଛି। ସଜନା ଶାଗକୁ ଆମେ ବିଭିନ୍ନ ଉପାୟରେ ଖାଇପାରିବେ। ଏଗୁଡିକ ସାଲାଡ, ପନିପରିବା ସହିତ କିମ୍ବା ଚା' କରି ମଧ୍ୟ ଖାଇପାରିବେ। ସଜନା ଚା' ତିଆରି କରିବା ପାଇଁ ପତ୍ରକୁ ଗ୍ରାଇଣ୍ଡ କରି ଗରମ ପାଣିରେ ଫୁଟାନ୍ତୁ। ଏହି କାରଣରୁ, ଆଣ୍ଟିଅକ୍ସିଡାଣ୍ଟ ଏବଂ ପୋଷକ ତତ୍ତ୍ୱ ପାଣିରେ ରହିବ। ସଜନା ଶାଗ ଖାଇବା କେବଳ ସ୍ୱାସ୍ଥ୍ୟର ଉପକାର ହୁଏ ନାହିଁ ବରଂ ଏହାର ସ୍ୱାଦ ମଧ୍ୟ ଭଲ ।

ରକ୍ତହୀନତା ରୋକିଥାଏ: ସଜନାରେ ଅନେକ ପୋଷକ ତତ୍ତ୍ୱ ମିଳିଥାଏ ଯାହା ରକ୍ତହୀନତାକୁ ରୋକିବାରେ ସହାୟକ ହୋଇଥାଏ। ଆଇରନ, ଭିଟାମିନ୍ ସି, ଫୋଲିକ୍ ଏସିଡ୍, ଭିଟାମିନ୍ ବି ଏବଂ ଆଣ୍ଟିଅକ୍ସିଡାଣ୍ଟ ପରି ପୁଷ୍ଟିକର ଖାଦ୍ୟ ସଜନାରେ ମିଳିଥାଏ। ରକ୍ତରେ ହେମୋଗ୍ଲୋବିନ୍ ସୃଷ୍ଟି କରେ ଯାହା ଅମ୍ଳଜାନ ଯୋଗାଇବାରେ ସାହାଯ୍ୟ କରିଥାଏ। ଏହା ସହ ଭିଟାମିନ୍ ସି ଆଇରନ୍ ଅବଶୋଷଣରେ ମଧ୍ୟ ସାହାଯ୍ୟ କରେ। ସଜନା ଫଲିକ୍ ଏସିଡ୍ ଜଇଉ ଉତ୍ପାଦନକୁ ପ୍ରୋତ୍ସାହିତ କରେ। ରକ୍ତହୀନତାର ଚିକିତ୍ସାରେ ଭିଟାମିନ୍ ଇ୧୨ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ରକ୍ତହୀନତାକୁ ରୋକିବାରେ ସଜନା ଶାଖ ଖାଇବା ଲାଭଦାୟକ।

ଥାଇରଏଡ ପାଇଁ ଉପକାରୀ: ସଜନା ଶାଗରେ ଅନେକ ପୋଷକ ତତ୍ତ୍ୱ ମିଳିଥାଏ ଯାହା ଥାଇରଏଡ୍ କାର୍ଯ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ। ସଜନା ଶାଗରେ ଆୟୋଡିନ୍, ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଏ, ସି ଏବଂ ଇ, ଜିଙ୍କ ଏବଂ ସେଲେନିୟମ୍ ପରି ପୁଷ୍ଟିକର ଖାଦ୍ୟ ମିଳିଥାଏ। ଯାହାକି ଆୟୋଡିନ୍ ଥାଇରଏଡ୍ ହରମୋନ୍ ସନ୍ତୁଳନ କରିବାରେ ସାହାଯ୍ୟ କରେ।

ଉଚ୍ଚ ରକ୍ତଚାପ ହ୍ରାସ କରେ: ଏହିପରି ଅନେକ ଗୁଣ ସଜନା ଶାଗରେ ମିଳିଥାଏ ଯାହା ଉଚ୍ଚ ରକ୍ତଚାପ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ସଜନା ଶାଗରେ ପୋଟାସିୟମ ଥାଏ ଯାହା ରକ୍ତଚାପ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ସଜନା ଶାଗରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ମଧ୍ୟ ଏଥିରେ ମିଳିଥାଏ ଯାହା ଧମନୀକୁ ଆରାମ ଦେଇଥାଏ। ସଜନା ଶାଗରେ ନାଇଟ୍ରିକ୍ ଅକ୍ସାଇଡ୍ ସ୍ତରକୁ ମଧ୍ୟ ହ୍ରାସ କରିଥାଏ ଯାହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ତେଣୁ ଉଚ୍ଚ ରକ୍ତଚାପ ଥିବା ଲୋକଙ୍କ ପାଇଁ ସଜନା ଶାଗ ବରଦାନ ସ୍ୱରୂପ।

ଡାଇବେଟିସ ସମସ୍ୟାକୁ ଦୂରକରେ: ଯେଉଁମାନଙ୍କର ଡାଇବେଟିସ ସମସ୍ୟା ଥାଏ ସେମାନେ ସଜନା ଶାଗର ଜୁସ ସେବନ କଲେ ଡାଇବେଟିସ ନିୟନ୍ତ୍ରଣରେ ରହିଥାଏ। ଯେଉଁ ଲୋକମାନେ ଥାଇରଏଡ ସମସ୍ୟା,ଯେଉଁମାନଙ୍କର ଅନିଦ୍ରା ସମସ୍ୟା ଅଛି ସେମାନେ ସଜନା ଶାଗ ସେବନ କଲେ ଅନିଦ୍ରା ସମସ୍ୟା ଦୂର ହୋଇଥାଏ

ଚର୍ବିକୁ ହ୍ରାସ କରାଏ: ଯଦି ଆପଣ ନିଜ ଶରୀରର ଚର୍ବିକୁ ହ୍ରାସ କରିବାକୁ ଚାହାନ୍ତି ସଜନା ଶାଗ ସେବନ କରନ୍ତୁ,ଏହା ମେଟାବୋଲିଜିମକୁ ଦୂର କରିଥାଏ,ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ।

ମୁଣ୍ଡରୁ କେଶ ଝଡ଼ିବା ସମସ୍ୟା ଓ ରୁପି ହେବା ସମସ୍ୟାରୁ ରକ୍ଷା ପାଇବାପାଇଁ ଏହାକୁ ସେବନ କରନ୍ତୁ।

ବଢୁଛି ଜନ ଅସନ୍ତୋଷ: ତେଜୁଛି ଆନ୍ଦୋଳନ

ହରିଚନ୍ଦନପୁର, ୧୬/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ତହସିଲ ଅନ୍ତର୍ଗତ ସ୍ଥାନୀୟ ମୂଷଳ ନଦୀର ପାର୍ଶ୍ୱରେ ଥିବା ୧ ଏକର ୮୨ ଡିସିମିଲ ଅନାବାଦୀ ଜମିକୁ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି । ଏହି ମାମଲାରେ ବର୍ତ୍ତମାନର କାର୍ଯ୍ୟରତ ତହସିଲଦାର ହିମାଂଶୁ ଶେଖର ପଣ୍ଡା ଏବଂ ଅତିରିକ୍ତ ତହସିଲଦାର ବିରାମ୍ କିସ୍କୁଙ୍କ ଭୂମିକା ସନ୍ଦେହ ଘେରରେ ରହିଛି । ଏହି ମାମଲାରେ ମୋଟା ଅଙ୍କର ହାତଗୁଞ୍ଜା ନିଆ ଯାଇ ବିକ୍ରି କରାଯାଇଥିବା ନେଇ ସ୍ଥାନୀୟ ଲୋକ ମାନେ ଅଭିଯୋଗ କରିଛନ୍ତି ।

ପୂର୍ବ ପୁରୁଷ ଧରି ଯେଉଁ ଅନାବାଦୀ ଜମିରେ ହରିଚନ୍ଦନପୁରର ସ୍ଥାନୀୟ ବାସିନ୍ଦା ଶବ ସତ୍କାର କରିଆସୁଥିଲେ ସେହି ଜମିରୁ ସମାଧି ଭାଙ୍ଗି ବ୍ୟକ୍ତିଗତଙ୍କୁ କେଉଁ ଉଦ୍ଦେଶ୍ୟରେ ରାସ୍ତା ନିର୍ମାଣ ପାଇଁ ଅନୁମତି ଦିଆଗଲା । ଏସମ୍ପର୍କରେ ପଚାରିବାରୁ କେବଳ ନାଲି ଆଖି ଛଡା ଜନସାଧାରଣ ଓ ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିବାକୁ ଭୟ କରୁଛନ୍ତି ତହସିଲଦାର ଓ ଅତିରିକ୍ତ ତହସିଲଦାର । ରାଜ୍ୟ ସରକାର ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ଏଠାରେ ହଜାର ହଜାର ଲୋକଙ୍କ ସ୍ୱାର୍ଥକୁ ବଳି ପକାଇ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ କେମିତି ଅନାବାଦୀ ଶ୍ମଶାନ ଜମି ଛଡାଗଲା । ଯେଉଁ ଜମିକୁ ରାସ୍ତା ନାହିଁ ସେହି ଜମିକୁ କିପରି ଘରବାଡ଼ି ପଟ୍ଟା ପ୍ରଦାନ କରାଯାଇଛି ସେନେଇ ତାଙ୍କ କାର୍ଯ୍ୟକାରିତା ଉପରେ ବଡ଼ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ତହସିଲଦାରଙ୍କ ଏମିତି କାର୍ଯ୍ୟକଳାପ ଓ ଲାଭକ୍ଷୋର ନିତିକୁ ନେଇ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନର ପନ୍ଥା ଆପଣେଇବାକୁ ବାଧ୍ୟ ହୋଲେଣି । ତହସିଲଦାରଙ୍କ ଏମିତି କଥାବାର୍ତ୍ତା ଓ ବ୍ୟବହାରକୁ ନେଇ ଏଠାକାର କୌଣସି ବିଭାଗର ଅଧିକାରୀ ୟାଙ୍କୁ ପସନ୍ଦ କରୁନଥିବା ପୂର୍ବରୁ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି । ହାତଗୁଞ୍ଜା ଆଶାରେ ସାମାନ୍ୟ କାର୍ଯ୍ୟ ପାଇଁ ନିରିହ ଲୋକଙ୍କୁ ଏହି ଦୁଇବାବୁ ମାସ ମାସ ଧରି କାର୍ଯ୍ୟାଳୟକୁ ଦୌଡ଼ିବାକୁ ବାଧ୍ୟ କରୁଥିବା ପୂର୍ବରୁ ଅନେକ ଅଭିଯୋଗ ରହିଛି । ଏଥିସହ ଜଣେ ଦୈନିକ ଖବର କାଗଜର ପ୍ରତିନିଧିଙ୍କ ସମ୍ପର୍କୀୟଙ୍କ ଉତ୍ତରାଧିକାରୀ ପ୍ରମାଣ ପତ୍ର ପାଇଁ ଏହି ଦୁଇବାବୁ ୪ମାସରୁ ଉର୍ଦ୍ଧ୍ୱ ସମୟ ଦୌଡ଼େଇବା ପରେ ମଧ୍ୟ ପ୍ରମାଣ ପତ୍ର ଦେଇନଥିବା ଗଣମାଧ୍ୟମରେ କିଛି ଦିନ ପୂର୍ବରୁ ପ୍ରକାଶ ପାଇଥିଲା । ତୁରନ୍ତ ଏହି ଦୁଇବାବୁଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ସ୍ଥାନୀୟ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରାନଗଲେ ଆଗାମୀ ଦିନରେ ରାଜରାସ୍ତାରେ ନିଆଁ ଜଳିବାକୁ ଲୋକେ ଚେତାବନୀ ଦେଇଛନ୍ତି । ଏହି ଘଟଣାକୁ ନେଇ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ର ମୋହନ ମାଝୀଙ୍କ ଦ୍ୱାରସ୍ଥ ହେବାକୁ ଅଂଟା ଭିଡିଲେଣି ସ୍ଥାନୀୟ ବାସିନ୍ଦା । ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ହରିଚନ୍ଦନପୁର ବାସିଙ୍କୁ ନ୍ୟାୟ ପ୍ରଦାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

ମଞ୍ଚରେ କରେଣ୍ଟ୍ ଚାର୍ଜ ଘଟଣା: ବନ୍ଧା ହୋଇ ଜେଲ୍ ଗଲେ ୫, ଆଇସିୟୁରେ ୨ ପୀଡ଼ିତ

ଦିଗପହଣ୍ଡି/ବ୍ରହ୍ମପୁର, ୧୬/୦୭ (ନି.ପ୍ର): ରାମାୟଣ ନାଟକ ମଞ୍ଚରେ ହଠାତ୍ କରେଣ୍ଟ୍ ଚାର୍ଜ ହୋଇଯିବାରୁ ୧୬ ଶିଶୁଙ୍କ ସମେତ ୧୯ ଜଣ ଆହତ ହୋଇଥିବା ଘଟଣାରେ ଜଡ଼ିତ ୫ଜଣଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ନାଟକ କମିଟି ଅଧ୍ୟକ୍ଷ ଶିବରାମ ବିଶୋଇ ବି ଥିବା ଜଣାଯାଇଛି। ଅଭିଯୁକ୍ତମାନଙ୍କର ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ଦିଗପହଣ୍ଡି ଉପକାରାଗାରକୁ ପଠାଇ ଦିଆଯାଇଛି। ଏଣେ ପୀଡ଼ିତମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ଥିବାରୁ ଉଭୟଙ୍କୁ ଏମକେସିଜି ଆଇସିୟୁରେ ରଖାଯାଇଛି। ଅନ୍ୟମାନେ ସୁସ୍ଥ ଥିବା ଜଣାଯାଇଛି । ସୂଚନାଯୋଗ୍ୟ, ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅଧୀନ ଫାଶିଗୁଡ଼ା ଗ୍ରାମରେ ସାହି ଭିତରେ ବନୁପଲ୍ଲୀ ପଞ୍ଚାୟତ ଚାଞ୍ଚଡ଼ାପଲ୍ଲୀ ନାଟକ ଗ୍ରୁପ୍ ପକ୍ଷରୁ ରାମାୟଣ ନାଟକ ପରିବେଷଣ ଆରମ୍ଭ ହୋଇଥିଲା। ମଧ୍ୟାହ୍ନରେ ବର୍ଷା ଯୋଗୁ ନାଟକକୁ ଅଧାରୁ ବନ୍ଦ ରଖାଯାଇଥିଲା। କିନ୍ତୁ ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରାଯାଇ ନଥିଲା। ଏହି ସମୟରେ କିଛି ଛୋଟପିଲା ମଞ୍ଚ ଉପରକୁ ଚଢ଼ିଥିବା ବେଳେ ଆଉ କିଛି ପିଲା ମଞ୍ଚର ଲୁହାବାଡ଼କୁ ଧରି ଛିଡ଼ା ହୋଇଥିଲେ। ହଠାତ୍ ମଞ୍ଚରେ କରେଣ୍ଟ୍ ଚାର୍ଜ ହୋଇଯିବାରୁ ସମସ୍ତଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। କିଛି ପିଲା ମଞ୍ଚରୁ ପଡ଼ିଯାଇଥିଲେ। ଚିତ୍କାର ଶୁଣି ସେଠାରେ ଥିବା କର୍ମଚାରୀମାନେ ତୁରନ୍ତ ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରିଥିଲେ। ତୁରନ୍ତ ସମସ୍ତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ଏମକେସିଜିକୁ ସ୍ଥାନାନ୍ତର କରାଯାଇଥିଲା।

ଫୁଲବାଣୀ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ବିଶ୍ୱ ଯୁବ ଦକ୍ଷତା ଦିବସ ୧୦୨୪ ପାଳିତ

କନ୍ଧମାଳ, ୧୬/୦୭ (ନି.ପ୍ର): ଫୁଲବାଣୀ ସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଅଛି। ଏହି ଅବସରରେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ, ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ଭାବେ କନ୍ଧମାଳର ଡିସି ଆକ୍ସନ ଏଡ଼ ଇଣ୍ଡିଆ ଶ୍ରୀମତୀ ସନ୍ଧ୍ୟାରାଣୀ ମହାନ୍ତି, ଜିଲ୍ଲା ସାମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ କୃଷ୍ଣା ପଣ୍ଡା, ସୁବ୍ରତ ଦାସ, କନ୍ଧମାଳ, ନୀଳମାଧବ ମିଶ୍ର, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଫୁଲବାଣୀର ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ସେଠୀ ଏବଂ ଅନୁଷ୍ଠାନର କର୍ମଚାରୀ ଓ ଛାତ୍ର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଭାବାନ ପ୍ରଶିକ୍ଷାର୍ଥୀମାନେ ସେମାନଙ୍କ ଅଭିନବ ଦକ୍ଷତା ଓ ଜ୍ଞାନର ପରିଚୟ ଦେଇ ପ୍ରକଳ୍ପ ଉପସ୍ଥାପନ କରି ଦିବସର ଶୁଭାରମ୍ଭ କରିଥିଲେ। ଏହାପରେ ଜିଲ୍ଲାପାଳଙ୍କ ଦ୍ୱାରା ସ୍କିଲ୍ ଫାଉଂଟେନର ଉଦଘାଟନ କରାଇବା ସହିତ ଦକ୍ଷତା ବିକାଶ ଦିଗରେ ଅନୁଷ୍ଠାନର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସ୍ଥାପନ କରିଥିଲେ। ଏହି ଅବସରରେ ପୁରସ୍କାର ବିତରଣ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରତିଯୋଗିତାରେ ଉତ୍କର୍ଷତା ହାସଲ କରିଥିବା ଛାତ୍ରମାନେ ସେମାନଙ୍କୁ ସେମାନଙ୍କ ପରିଶ୍ରମ ଏବଂ ନିଷ୍ଠା ପାଇଁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦକ୍ଷତା ବିକାଶ ମାଧ୍ୟମରେ ଯୁବକମାନଙ୍କୁ ସଶକ୍ତିକରଣ ଦିଗରେ ସରକାରୀ ଆଇଟିଆଇ ଫୁଲବାଣୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିବା ଏହି କାର୍ଯ୍ୟକ୍ରମର ସଫଳତା ସଫଳତା ପାଇଁ ଅନୁଷ୍ଠାନର ଅଧ୍ୟକ୍ଷ, ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

ଭୂତ କୋଠି ପାଲଟିଛି ବ୍ରହ୍ମବରଦା ଟେଲିଫୋନ ଏକ୍ସଚେଂଜ : ଫେରିବ କି ପୂର୍ବ ଚମକ

ଧର୍ମଶାଳା, ୧୬/୦୭ (ନି.ପ୍ର): ଦୂରସଂଚାର ଭାରତ ସରକାରଙ୍କ ଏକ ଅଙ୍ଗ । ଦିନ ଥିଲା ହଜାର ହଜାର ଗ୍ରାହକ ଟେଲିଫୋନ ଉପରେ ଭରଓା କରିଥିଲେ । ଦିନ ବଦଳିବା ସହିତ ଏବେ ଡିଜିଟାଲରେ ସମୟ ପଂହଚିଛି । ଆଲୋଡା ହୋଇ ପଡିଛି ଟେଲିଫୋନ ଓ ଏହାର କାର୍ଯ୍ୟାଳୟ । ବହୁ ସ୍ଥାନରେ ଟେଲିଫୋନ ଏକ୍ସଚେଂଜ ଭୂତ କୋଠିରେ ପରିଣତ ହେଲାଣି । ସ୍ଥାୟୀ ରକ୍ଷଣା ବେକ୍ଷଣ ଉପରେ ସରକାରଙ୍କ ଆନ୍ତରିକ ଓ ଦୂର ଦୃଷ୍ଟି ଅଭାବରୁ ଏଭଳି ଅବସ୍ଥାରେ ପଂହଚି ଥବବା ଗ୍ରାହକ ମହଲରେ ଆଲୋଚନା ହେଉଛି । ଏବଂ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଶଂ ଅଚଳ ହୋଇ ପଡିଲାଣି । ଚଣ୍ଡିଖୋଲ ଟେଲିଫୋନ ଏକ୍ସଚେଂଜ ଅଧିନରେ ରସୁଲପୁର ବ୍ଲକ ବ୍ରହ୍ମବରଦା ଟେଲିଫୋନ କାର୍ଯ୍ୟକରୁଥିଲା । ସେତେବେଳେ ଲ୍ୟାଣ୍ଡ ଲାଇନ ଯୋଗେ ଘରଘର ସଂଯୋଗ ଦିଆଯାଇଥିଲା । ଗ୍ରାହକ ବଢିବା ସାଂଗକୁ ଚଣ୍ଡିଖୋଲ ଏକ୍ସଚେଂଜ ଉପରେ ସମସ୍ୟା ଦେଖା ଯିବାରୁ ବ୍ରହ୍ମବରଦାଠାରେ ଏକ ଏକ୍ସଚେଞ୍ଜ କରାଯାଇଥିଲା । ଲକ୍ଷଲକ୍ଷ ଟଙ୍କା ବ୍ୟୟ ବରାଦରେ ଏଠାରେ ବିରାଟ ଗୃହ ନିର୍ମାଣ କରାଯିବା ସହିତ ବହୁ ଅତ୍ୟାଧୁନିକ ଯନ୍ତ୍ରାଶଂ ବସାଯାଇଥିଲା । ଏପରିକି ଲୋକେ ବିଲ ପୈଠ ପାଇଁ ଘଂଟା ଘଂଟା ଧରି ପୋଷ୍ଟ ଅଫିସରେ ଧାଡି ବାନ୍ଧି ଅପେକ୍ଷା କରି ରହୁଥିଲେ । ପରେ ସରକାର ଏହି ସେବା ଉପରେ ଗୁରୁତ୍ୱ ନ ନେଇ ଘରୋଇ କରଣରେ ପରୋକ୍ଷରେ ସହଯୋଗ କଲେ । ଫଳରେ ଏହି ସଂସ୍ଥା ଅଚଳ ହେବାକୁ ଲାଗିଲା । ବାରମ୍ବାର ହେବ ଅଚଳ ହେବା ପରେ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉ ଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା । ହେଲେ କିଛି ସୁଫଳ ମିଳୁ ନ ଥିଲା । ଅବିଭକ୍ତ ବ୍ରହ୍ମବରଦା ହେଉଛି ଏକ ମୁଖ୍ୟ ବ୍ୟବସାୟର ମୁଖ୍ୟ କେନ୍ଦ୍ରସ୍ଥଳ ଭାବେ ବେଶ୍ ପରିଚିତ ଥିବାବେଳେ ଏଠାରେ ବହୁ ସଂଖ୍ୟାରେ ଲୋକେ ଦେଶ ବିଦେଶରେ ରହିଆସୁଛନ୍ତି । ଫଳରେ ସେମାନଙ୍କସହ ଯୋଗାଯୋଗ ସହ ଟେଲିଫୋନ ମାଧ୍ୟମରେ ଏହା ସମ୍ଭବ ନ ହେବାରୁ ଲୋକେ ଘରୋଇ ମୋବାଇଲ ସେବା ଉପରେ ଗୁରୁତ୍ୱ ଦେଲେ। ବ୍ରହ୍ମବରଦା ଟେଲିଫୋନ ଏକ୍ସଚେଞ୍ଜରେ ରକ୍ଷଣାବେକ୍ଷଣ ହେଉ ନ ଥିବା,ବିଦ୍ୟୁତ୍ କାଟ ସମୟରେ ଜେନେରେଟର ନ ଚଲାଇବା,ବହୁ ସମୟରେ ଫିକସ୍ ଲାଇନ ମରାମତି ହେଉ ନ ଥିବାରୁ ଏହି ସେବା ବିଭ୍ରାଟ ବାରମ୍ବାର ହେଉଥିବା ଆଦି ଅଭିଯୋଗ ହୋଇ ଆସୁଥିଲା । ଏବେ ମୋବାଇଲ ଟାୱାର ଥାଉ ବିଏସଏନଏଲ ସେବା ଅଚଳ ରହୁଛି । ବହୁ ସମୟରେ ଅନେକ ସ୍ଥାନରେ ତାର ଛିଡୁ ଥିବା ବେଳେ ଜରୁରୀ ସମୟରେ କାହାରି ସହ ଯୋଗାଯୋଗ ହୋଇପାରୁନଥିବା ଦେଖିବାକୁ ମିଳୁଛି । ମୋବାଇଲ ସେବା କଥା ନ କହିବା ଭଲ । ମୋବାଇଲ ସେବା ସବୁ ବେଳେ ନେଟୱାର୍କ ଫେଲ ହେବା ଫଳରେ ବହୁ ସମୟରେ ମୋବାଇଲ ଅଚଳ ରହୁଛି । ଯାହାକୁ ନେଇ ଗ୍ରାହକମାନେ ସରକାରୀ ସେବାରୁ ବଂଚିତ ହେଉଥିବାରୁ ବେସରକାରୀ ସଂସ୍ଥା ଆଡକୁ ମୁହଁ ବଳାଉଛନ୍ତି । ବହୁ ସମୟରେ ତେଲ ମହଜୁଦ ଥାଇ ମଧ୍ୟ ଜେନେରେଟର ଚଲାଯାଉନାହିଁ । ଜନସେବା ମାଧ୍ୟମରେ ଏବେ ଛାତ୍ରଛାତ୍ରୀମାନେ ଇନକମ ସାର୍ଟିଫିକେଟ, ଜାତି,ସ୍ଥାନର ନକଲ, ପାଠପଢିବା, ଆଡମିଶନ ଫର୍ମ ଆବେଦନ,ବିଜୁଳି ଓ ଟେଲିଫୋନ ବିଲ, ଫ୍ୟାକ୍ସ, ମେଲ୍, ତହ୍ରାଳ ରେଳ ଟିକେଟ ବାହାର କରିପାରୁ ନାହାନ୍ତି । ବିଦ୍ୟୁତ ସରବରାହ ବନ୍ଦ ହୋଇ ଗଲେ ନେଟୱାର୍କ ଅଚଳ ହୋଇପଡୁଛି । ଡିଜେ ମେସିନ ଥାଇ ମଧ୍ୟ କାମରେ ଆସୁନାହିଁ । ଗ୍ରାହକମାନେ ଭାରତ ସରକାରଙ୍କ ଏହି ସେବାରୁ ନିବୃତ ରହିବା ସହ ନିକଟ ଅଧିକାରୀଙ୍କ ସହ ଯୋଗାଯୋଗ କଲେ କିଛି ଫଳ ନ ମିଳିବାରୁ ଗ୍ରାହକ ଏହି ସେବା ଉପରୁ ଭରସା ତୁଟାଇଛନ୍ତି ।

ଓଡ଼ିଶା ଆଦର୍ଶ ଯୁବ ସଂଗଠନ ପକ୍ଷରୁ ବୃକ୍ଷରୋପଣ

କେନ୍ଦ୍ରାପଡ଼ା, ୧୬/୦୭ (ନି.ପ୍ର): ଓଡ଼ିଶା ଆଦର୍ଶ ଯୁବ ସଂଗଠନ ତରଫରୁ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ପଂଚାୟତର ଗୁଣ୍ଡୁଚି ମଠ ନିକଟରେ ଆଜି ୨୦୦ରୁ ଅଧିକ ବୃକ୍ଷରୋପଣ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଧାୟକ ଗଣେଶ୍ୱର ବେହେରା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସେ କହିଥିଲେ ଯେ ଜଳବାୟୁ ପରିବର୍ତନ ଜନିତ ଆହ୍ୱାନ ସମ୍ପ୍ରତି ପୃଥିବୀର ଅସ୍ତିତ୍ୱ ଓ ଭବିଷ୍ୟତକୁ ନେଇ ଏକ ସଂକଟମୟ ଦୋଛକିରେ ଠିଆ କରାଇ ଦେଇଛି। ଏହାର ସୁରକ୍ଷା ପାଇଁ ସମସ୍ତେ ବୃକ୍ଷ ରୋପାଣ କରିବା ନିହାତି ଆବଶ୍ୟକ। ଏଥିରେ ୬ନଂ ଜୋନର ଜିଲ୍ଲା ପରିଷଦ ପ୍ରତିନିଧି ପ୍ରଦୀପ୍ତ ମହାନ୍ତି, ପୂର୍ବତନ ସରପଂଚ ଶାରଦା ରାଉତ, ପୂର୍ବତନ ସରପଂଚ ପିତବାସ ବେହେରା, ବିଜେଡି ନେତା କରୁଣାକର ଦାସ, ଅକ୍ଷୟ ପତି, ନିରୋଦ ଜେନା, ଜୁଲୁ, ସୁନିଲ ମହାପାତ୍ର, ସନନ୍ତ ନାୟକ ଉପସ୍ଥିତ ଥିଲେ ।

ଓସ୍ତପୁର ଗ୍ରାମରେ ଗ୍ରୀଲଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ଅଭିଯୋଗ

କେନ୍ଦ୍ରାପଡ଼ା, ୧୬/୦୭ (ନି.ପ୍ର): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଓସ୍ତପୁର ଗ୍ରାମର ପ୍ରିୟଦର୍ଶନ ସ୍ୱାଇଁଙ୍କ ଘରୁ ଗତକାଲି ବିଳମ୍ବିତ ରାତିରେ କେହିନଥିବାର ସୁଯୋଗ ନେଇ ଗ୍ରୀଲ ଭାଙ୍ଗି ଘର ଭିତରେ ଚୋର ପସିବା ସହିତ ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା କେହି ଲୁଟ କରିନେଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ପ୍ରିୟଦର୍ଶନ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସେ ପରିବାର ସହ କଟକ ଯାଇଥିବା ବେଳେ ଗତକାଲି ଅପରାହ୍ନ ୩ଟା ୧୭ମିନିଟ ସମୟରେ କେହି ଜଣେ ଆସି ତାଙ୍କ ଘରେ ଲାଗିଥିବା ସି.ସି. ଟିଭି କ୍ୟାମେରାର ମୁହଁକୁ ବଦଳାଇ ଦେଇଥିଲା। ରାତି ୭ଟାରେ ପ୍ରିୟଦର୍ଶନ ତାଙ୍କ ଦାଦାପୁଅ ଭାଇକୁ ଫୋନକରି ଦେଖି ଆସିବାକୁ ପଠେଇଥିଲେ। ସେ ଯାଇ ସେଠାରେ ରାତି ସାଢେ୮ଟା ଯାଏ ଥିଲା ଓ ପ୍ରିୟଦର୍ଶନକୁ ଆସି କହିଲା ସବୁ ଠିକ ଅଛି। ସାଢେ ୮ଟାରୁ ୯ଟା ଭିତରେ କେହି ଦୁର୍ବୃତ୍ତ କଟରରେ ଗ୍ରୀଲ କାଟି ତାଙ୍କ ଘରେ ପସି ନଗଦ ୪୦ହଜାର ଟଙ୍କା ସମେତ ୨୫ଗ୍ରାମର ୫ଟି ସୁନା କାନଫୁଲ, ୧୩ଗ୍ରାମର ଗୋଟିଏ ସୁନାଚେନ, କାନଫୁଲ ଚେନ ୬ଗ୍ରାମର ୨ଟି, ଲକେଟ ୪ଗ୍ରାମର ୨ଟା, ବାଲା ୧୨ଗ୍ରାମର ହଳେ, ନାକଫୁଲ ୨ଗ୍ରାମର ୨ଟି, ରୂପା ଥାଳିଆ ଗୋଟିଏ, ତୁନା ରୂପା ୨୫୦ଗ୍ରାମ ଓ ଘଂଟା ଗୋଟିଏ ଚୋରି କରି ନେଇଯାଇଛି। ତେଣୁ ଏହାର ତଦନ୍ତ କରାଯାଇ ଚୋରକୁ ଧରିବା ପାଇଁ ସେ ଥାନା ଅଧିକାରୀଙ୍କୁ ନିବେଦନ କରିଛନ୍ତି। ଆଜି ସଦର ଥାନା ପୋଲିସ ଡଗ୍ ସ୍କ୍ୱାର୍ଡ ଓ ସାଇଂଟିଫିକ ଟିମ ସହିତ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରଥିବା ଥାନାଧିକାରୀଙ୍କ ଠାରୁ ସୂଚନା ମିଳିଛି।

କେନ୍ଦ୍ରାପଡା କଲେଜର ପୁରାତନ ଛାତ୍ରମାନେ ଭେଟିଲେ ମୁଖ୍ୟମନ୍ତ୍ରୀଙ୍କୁ

କେନ୍ଦ୍ରାପଡ଼ା, ୧୬/୦୭ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ରମାନେ ସୋମବାର ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ମହାବିଦ୍ୟାଳୟ ପାଣ୍ଠିରୁ ହଡପ ହୋଇଥିବା କୋଟି କୋଟି ଟଙ୍କାର ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରାଯିବାକୁ ଦାବି କରିଛନ୍ତି। ଏଥିସହିତ ଦୀର୍ଘ ୧୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କେନ୍ଦ୍ରାପଡା ମହାବିଦ୍ୟାଳୟରେ ରହି ଆସିଥିବା ଅଧ୍ୟାପକ/ଅଧ୍ୟାପିକାମାନଙ୍କୁ ତୁରନ୍ତ ବଦଳି କରାଯିବାକୁ ମଧ୍ୟ ଦାବି କରଥିଲେ। ମହାବିଦ୍ୟାଳୟର ଏସି, ଲ୍ୟାପଟପ୍, କମ୍ପୁଟର, ଅଗ୍ନି ନିର୍ବାପକ ଯନ୍ତ୍ର, ଫ୍ୟାନ୍, ଚେୟାର, ଟେବୁଲ ପ୍ରଭୃତି କୋଟି କୋଟି ଟଙ୍କାର ସର୍ମ୍ମ ଚୋରି ହୋଇ ଯାଇଥିବା ବେଳେ ଉନ୍ନୟନ କାର୍ଯ୍ୟ ନାମରେ ମଧ୍ୟ କୋଟି କୋଟି ଟଙ୍କାର ଅନୀୟମିତତା ହୋଇଥିବା ନେଇ ଅଭିଯୋଗ କରାଯାଇଛି। ବିଗତ ୨୦୧୯ମସିହାରୁ ଅଧ୍ୟାବଧି ସମୟ ମଧ୍ୟରେ ହୋଇଥିବା ଏସବୁ ଘୋଟାଲାର ତଦନ୍ତ କରାଯିବାକୁ ଦାବି କରାଯାଇଛି। ମହାବିଦ୍ୟାଳୟରେ ଅଧ୍ୟୟନରତ ଥିବା ୫ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରାଯିବା ପାଇଁ ନୀରପେକ୍ଷ ଭାବରେ ତଦନ୍ତ କରାଯିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତିଶୃତି ଦେଇଥିଲେ।

ଲୁଇସ୍ ବ୍ରେଲୀ ଫାଉଣ୍ଡେସନ୍‌ର ସମ୍ବର୍ଦ୍ଧନା ଉତ୍ସବ

ଭିନ୍ନକ୍ଷମମାନେ ବିଶେଷ ଗୁଣର ଅଧିକାରୀ : ବାଚସ୍ପତି

ଭୁବନେଶ୍ୱର, ୧୬/୦୭ (ନି.ପ୍ର): ଭିନ୍ନକ୍ଷମ ମାନେ ଦୃଷ୍ଟିଶକ୍ତି ବାଧିତ ହୋଇଥିଲେ ହେଁ ସେମାନଙ୍କଠାରେ ଅନ୍ୟ ସବୁଗୁଣ ବିଶେଷଭାବେ ଭରି ରହିଛି । ତା'ର ବିକାଶ କରି ସମାଜକୁ ଦିଗ୍ ଦର୍ଶନ ଦେବାରେ ସେମାନେ ଆଦର୍ଶ ହୋଇପାରିବେ ବୋଲି ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ କହିଛନ୍ତି।

ସୋମବାର ଦିନ ସ୍ଥାନୀୟ ବୁଦ୍ଧ ମନ୍ଦିର ଠାରେ ଓଡ଼ିଶା ଲୁଇସ୍ ବ୍ରେଲୀ ଫାଉଣ୍ଡେସନ୍ (ଓଏଲ୍‌ବିଏଫ୍) ପକ୍ଷରୁ ଆୟୋଜିତ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କ ନିମିତ ଆୟୋଜିତ ସମ୍ବର୍ଦ୍ଧନା

ବନମହୋତ୍ସବ ଅବସରରେ ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ବୃକ୍ଷ ରୋପଣ ଓ ଚାରା ବଣ୍ଟନ ଅଭିଯାନ

ବସ୍ତା, ୧୬/୭ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ, ବେତନଟୀ ବ୍ଲକ ଅନ୍ତର୍ଗତ ଆମ୍ବଗଡ଼ିଆ ପଞ୍ଚାୟତ ଅଧିନରେ ଥିବା ବଙ୍ଗାଳୀଡାହି ହାଟ ପଡ଼ିଆରେ ବୃକ୍ଷ ରୋପଣ ଓ ଚାରା ବଣ୍ଟନ କରାଯାଇଥିଲା । ପ୍ରଦୂଷଣମୁକ୍ତ ପରିବେଶ ପାଇଁ ସବୁଜ ବନ ନିର୍ମାଣ ତଥା ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା ଉକ୍ତିକୁ ସାକାର କରିବା ପାଇଁ ,କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ପିଞ୍ଜାବଣିଆଁ ବୈଦିକ ଗୁରୁକୁଳ ଆଶ୍ରମ ର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ଙ୍କ ପ୍ରେରଣାରେ ବିକାଶ ପରିଷଦ ର ସଭାପତି ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ମହାପାତ୍ର ଙ୍କ ତତ୍ତ୍ୱାବଧାନରେ ବୃକ୍ଷ ପ୍ରେମୀ ଅତିଥି ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ଶ୍ରୀଯୁକ୍ତ ରବୀନ୍ଦ୍ର ବେହେରା, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶ୍ରୀ ଦେବେନ୍ଦ୍ର ଆଚାର୍ଯ୍ୟ, ଶିକ୍ଷକ ଶିବଜ୍ୟୋତି ଗିରି, ଶିକ୍ଷକ ଗୋବିନ୍ଦ ସାହୁ, ଶିକ୍ଷକ ଜଗଦୀଶ ବ୍ରହ୍ମଚାରୀ, ଶିକ୍ଷକ ଉମ୍ବରୁଧର ମହାନ୍ତ, ନେତାଜୀ ୟୁଥ୍ କ୍ଲବ୍, ହଳଦୀପଦା ର ସଦସ୍ୟ ଶ୍ରୀ ଅବିନାଶ ବେହେରା,ଝୋଟମିଲ୍ ର ସୁପର୍ ଭାଇଜର୍ ଶ୍ରୀ ବିନୋଦ ବେହେରା, ବ୍ୟବସାୟୀ ରାମଚନ୍ଦ୍ର ବିଶ୍ୱାଳ,ଗରୁମା ପ୍ରମିଳା ଓ ସୁଶ୍ରୀ କଲ୍ୟାଣୀ ଆଚାର୍ଯ୍ୟା ଙ୍କ ଦ୍ୱାରା ନିକଟସ୍ଥ ଅଙ୍ଗାରଗଡିଆ ଗ୍ରାମର ଗ୍ରାମବାସୀ ତଥା ମା ସନ୍ତୋଷୀ,ମା ମଙ୍ଗଳା,ମା ଅମ୍ବିକା ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନଙ୍କୁ ତାରା ବଣ୍ଟନ କରାଯାଇଥିଲା । ରାଜ୍ୟ ସରକାରଙ୍କ ମା ପାଇଁ ଗଛଟିଏ କାର୍ଯ୍ୟ କୁ ସଫଳ ରୂପାୟନ ପାଇଁ ମା ମାନଙ୍କ ଦ୍ୱାରା ବଙ୍ଗାଳୀ ଡାହି ହାଟ ପଡ଼ିଆ ଓ ରାସ୍ତା ପାର୍ଶ୍ୱରେ ଔଷଧୀୟ ତଥା ଫଳଗଛ ମାନ ରୋପଣ କରିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ମା ମାନଙ୍କୁ ନିଜନିଜ ବାଡିରେ ଗଛଟିଏ ଲଗାଇବା ପାଇଁ ଗୋଟିଏ ଲେଖାଏଁ ଗଛ ପ୍ରଦାନ କରାଯାଇଥିଲା । ପ୍ରକୃତିର ସୁରକ୍ଷା ପାଇଁ ବିକାଶ ପରିଷଦ ଅନନ୍ୟ ପ୍ରୟାସ କରୁଥିବାରୁ ସ୍ଥାନୀୟ ଜନସାଧାରଣ ତଥା ତିନି ସହାୟକ ଗୋଷ୍ଠୀର ସଭାପତି ଶ୍ରୀମତୀ ସ୍ୱପ୍ନା ମହାନ୍ତ,ପଙ୍କଜିନୀ ମହାନ୍ତ ଓ ନୀଶାମଣି ମହାନ୍ତିଙ୍କ ସମେତ ସମସ୍ତ ମା ମାନେ ପରିଷଦ ର ଭୂୟସୀ ପ୍ରଶଂସା କରିଥିଲେ । ପରିଶେଷରେ ଚାରା ବଣ୍ଟନ ଓ ସଚେତନତା ପାଇଁ ଯୋଗଦାନ କରିଥିବା ସମସ୍ତ ଅତିଥିଙ୍କୁ ପରିଷଦର ସଂପାଦକ ଶ୍ରୀ କୁଳ ମହାନ୍ତ ଧନ୍ୟବାଦ ଜଣାଇଥିଲେ ।

ଡୋନାଲ୍ଡ ଟ୍ରମ୍ପ ଆନୁଷ୍ଠାନିକ ଭାବେ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା

ନ୍ୟୁୟର୍କ, ୧୬/୭: ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ରିପବ୍ଲିକନ ପାର୍ଟି ଦ୍ୱାରା ରାଷ୍ଟ୍ରପତି ପ୍ରାର୍ଥୀ ଘୋଷିତ ହୋଇଛନ୍ତି । ମିଲୱାକି ଆୟୋଜିତ ରିପବ୍ଲିକନ୍ ପାର୍ଟି ସମ୍ମିଳନୀରେ ଗୋଟିଏ ପରେ ଗୋଟିଏ ରାଜ୍ୟ ଟ୍ରମ୍ପଙ୍କ ନାମକୁ ସମର୍ଥନ କରିଥିଲେ । ଅଧିକାଂଶ ପ୍ରତିନିଧି ତାଙ୍କ ନାମରେ ପ୍ଲାକାର୍ଡ ନେଇ ଟ୍ରମ୍ପଙ୍କୁ ସମର୍ଥନ କରୁଥିଲେ ଏବଂ ସମଗ୍ର ଅଡିଟୋରିୟମ୍ ଟ୍ରମ୍ପ-ଟ୍ରମ୍ପଙ୍କ ଶବ୍ଦରେ ଗୁଂଜରିତ କରୁଥିଲା । ଏଥିସହ ଦଳର ଟ୍ରମ୍ପଙ୍କ ପ୍ରତିଦ୍ୱନ୍ଦ୍ୱୀ, ଓହିଓର ସିନେଟର ତଥା ରାଷ୍ଟ୍ରପତି ପଦ ପାଇଁ ଚେଷ୍ଟା କରୁଥିବା ଜେଡି ଭାନ୍ସଙ୍କୁ ମଧ୍ୟ ଉପରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା କରାଯାଇଛି । ୧୯୧୬ ରୁ ୨୦୨୦ ପର୍ଯ୍ୟନ୍ତ ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଥିଲେ । ୨୦୨୦ ରେ, ସେ ଡେମୋକ୍ରାଟ୍ ପାର୍ଟିର ଜୋ ବାଇଡେନଙ୍କ ବିପକ୍ଷରେ ହାରିଥିଲେ । ତେବେ ଏହା ପରେ ମଧ୍ୟ ସେ ପରାଜୟକୁ ଗ୍ରହଣ କରିନଥିଲେ ଏବଂ ହ୍ୱାଇଟ ହାଉସ ଖାଲି କରିବା ପୂର୍ବରୁ ସେଠାରେ ଏକାଠି ହୋଇଥିବା ଟ୍ରମ୍ପ ସମର୍ଥକମାନେ ଏକ ହିଂସାକାଣ୍ଡ ସୃଷ୍ଟି କରିଥିଲେ । ରାଷ୍ଟ୍ରପତି ପଦରୁ ଇସ୍ତଫା ଦେବା ପରେ ଗତ ୪ ବର୍ଷ ମଧ୍ୟରେ ତାଙ୍କ ବିରୋଧରେ ଅନେକ ପ୍ରକାରର ମାମଲା ରୁଜୁ ହୋଇଥିଲା ଯେଉଁଥିରେ ଗୁପ୍ତ କାଗଜପତ୍ର ଚୋରି ଠାରୁ ଆରମ୍ଭ କରି ବେଆଇନ ସମ୍ପର୍କ ହେତୁ ଜଣେ ମହିଳାଙ୍କୁ ଟଙ୍କା ଦେବା ପର୍ଯ୍ୟନ୍ତ ମାମଲା ଦାୟର କରାଯାଇଥିଲା ଏବଂ ତାଙ୍କୁ ମଧ୍ୟ ଦଣ୍ଡିତ କରାଯାଇଥିଲା ।

ଏକାଦଶ ବାର୍ଷିକ ଉତ୍ସବରେ 'ମହାବାହୁ' ଲୋକାର୍ପିତ

ଉଦଳା , ୧୬/୭ (ନି.ପ୍ର): ଭକ୍ତି ଜ୍ଞାନ ସଂଚାର ସେବା ସମିତି, ଉଦଳା ତରଫରୁ ଅନୁଷ୍ଠାନର ଆଧ୍ୟାତ୍ମିକ ପ୍ରତିକା ମହାବାହୁର ଦଶମ ଅର୍ଘ୍ୟ ଲୋକାର୍ପିତ ହୋଇ ଯାଇଛି । ଓଡ଼ିଆ ଅସ୍ମିତାର ଅସଲ ପ୍ରତୀକ ଜଗତର ଠାକୁର ଜଗନ୍ନାଥଙ୍କ ତତ୍ତ୍ୱ ଓ ଚେତନାରେ ସମୃଦ୍ଧ ମହାବାହୁକୁ ଲୋକାର୍ପଣ କରିବା ପାଇଁ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ଅଧୀନ ସନ୍ଧ୍ୟାନଗୃହ ପ୍ରେକ୍ଷାଳୟରେ ଜଗନ୍ନାଥଙ୍କ ଘୋଷଯାତ୍ରା ଅବସରରେ ଏହି ପତ୍ରିକାର ମୁଖ୍ୟ ସଂପାଦକ ଡ଼କ୍ଟର ଦିଲୀପ କୁମାର ଦୀକ୍ଷିତଙ୍କ ପୌରହିତ୍ୟରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଉଦେଶ୍ୟ ଜ୍ଞାପନ, ଅତିଥି ପରିଚୟ ପ୍ରଦାନ, ସ୍ୱାଗତ ଭାଷଣ, ସ୍ୱାଗତ ସଂଗୀତ ଗାନ ଓ ମଙ୍ଗଳାଷ୍ଟକମ୍ ପାଠ ପରେ ଉତ୍ସବର ଉଦ୍‌ଘାଟକ ଉଦଳାର ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ଅତିଥି ମାନଙ୍କ ଗହଣରେ ଜଗନ୍ନାଥଙ୍କ ବିଗ୍ରହ ନିକଟରେ ଧୂପ, ନୈବେଦ୍ୟ ଓ ପୁଷ୍ପାର୍ଘ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ । ଏହି ବାର୍ଷିକ ଉତ୍ସବରେ ରାଜ୍ୟର ପୁର୍ବତନ ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ବୀରଭଦ୍ର ସିଂ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଭଦ୍ରକ ଜିଲ୍ଲାର ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ବିଶିଷ୍ଟ ବକ୍ତା ଭାବରେ ଅବସରପ୍ରାପ୍ତ ଭେଷଜ ବିଶେଷଜ୍ଞ ଡ଼ାକ୍ତର ଭାଗବତ ବେହେରା, ସମ୍ମାନିତ ବକ୍ତା ଭାବରେ ବରିଷ୍ଠ ଶିକ୍ଷାବିତ ସନାତନ ଜେନା, ଅବସରପ୍ରାପ୍ତ ପ୍ରାଧ୍ୟାପକ କରୁଣାକର ମହାପାତ୍ର, ଭୋଳାନାଥ ସାହୁ ମଂଚାସୀନ ଥାଇ କିମ୍ବଦନ୍ତୀରେ ଜଗନ୍ନାଥ ଶୀର୍ଷକ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭକ୍ତିଜ୍ଞାନ ସଂଚାର ସେବା ସମିତିର ଅଧ୍ୟକ୍ଷ ପଣ୍ଡିତ ଲକ୍ଷ୍ମୀଧର ପୁଥାଳ କାର୍ଯ୍ୟକ୍ରମର ଉଦେଶ୍ୟ ଜ୍ଞାପନ କରିବା ସହ ମହାପ୍ରଭୁ ଜଗନ୍ନାଥଙ୍କର ଅଲୌକିକ ମହିମାର ଅନେକ ନିଛକ ଉଦାହରଣ ମାନ ଦେଇଥିଲେ । ଉତ୍ସବର ପ୍ରାରମ୍ଭରେ ମହାବାହୁର ସଂପାଦକ ତଥା ଶିକ୍ଷାବିତ ରବିକାନ୍ତ ମହାପାତ୍ର ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ ସହ ପତ୍ରିକା ପ୍ରକାଶନ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ବାର୍ଷିକ ବିବରଣୀ ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜଗନ୍ନାଥ ଚେତନା ଉପରେ ଆଧାରିତ ଆଧ୍ୟାତ୍ମିକ ପତ୍ରିକା ମହାବାହୁର ଦଶମ ଅର୍ଘ୍ୟ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମହାବାହୁର ସହ ସଂପାଦକ ତଥା ଆର.ଡ଼ି.ଏସ୍. ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଦଳୀପ କୁମାର ପ୍ରମାଣିକ ମଂଚକୁ ସଂଯୋଜନା କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପତ୍ରିକାର ଅନ୍ୟତମ ସହସଂପାଦକ କିଶୋରଚନ୍ଦ୍ର ଦାସବାବୁ ଅତିଥି ମାନଙ୍କୁ ମଂଚକୁ ଆମନ୍ତ୍ରଣ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜୟପୁର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ରଜତ କୁମାର ପଣ୍ଡା ଉତ୍ସବ ଉଦ୍‌ଘାଟନ ସମୟରେ ମଙ୍ଗଳାଷ୍ଟକମ୍ ପାଠ କରିବା ସହ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଭାରେ ଉପସ୍ଥିତ ଶ୍ରୋତା ମଣ୍ଡଳୀ ମଧ୍ୟରୁ 'କିମ୍ବଦନ୍ତୀରେ ଜଗନ୍ନାଥ' ଶୀର୍ଷକ ଉପରେ ଜ୍ୟୋତ୍ସ୍ନା ରାୟ, ପ୍ରମିଳା ଜେନା, ସତ୍ୟବ୍ରତ ମିଶ୍ର, ପରେଶ ଚନ୍ଦ୍ର ସାହୁ, ଚିତ୍ରଶିଳ୍ପୀ ରାଜାରାମ ବେହେରା, ଶିକ୍ଷକ ପ୍ରିୟବ୍ରତ ବାରିକ ପ୍ରମୁଖ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ କଣ୍ଠଶିଳ୍ପୀ ମିନତୀ ମହାପାତ୍ରଙ୍କ ନେତୃତ୍ୱରେ ରାକ୍ଷୀ ରଣା, ସୁଶ୍ରୀ ଅଭିପ୍ସା ମହାପାତ୍ର, ସ୍ୱୟଂସିଦ୍ଧା ପରିଡ଼ା ଓ ସୁଶ୍ରୀ ପ୍ରଲିପ୍ସା ମହାପାତ୍ର ଜଗନ୍ନାଥଙ୍କ ଉଦେଶ୍ୟରେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜଗନ୍ନାଥ ପ୍ରେମୀ ତଥା ବିଶିଷ୍ଟ ସାରସ୍ୱତ ସାଧକ ପ୍ରଫୁଲ ଚନ୍ଦ୍ର ମହାଳିକ, ନରେନ୍ଦ୍ର ମୋହନ ଜେନା, ପ୍ରଭାତ କୁମାର ପରିଡ଼ା, ଡ଼କ୍ଟର ଶ୍ୟାମ ସୁନ୍ଦର ପଣ୍ଡା, ଶଶୀଧର ବାରିକ, ମନୋରଂଜନ ମଲ୍ଲିକ, ଶତ୍ରୁଘ୍ନ ସାମଲ, ଅକ୍ଷୟ କୁମାର କମିଳା, ବରୋଜ କୁମାର ରାଜ, ହୀରେନ କୁମାର ରାୟ, ସୋମନାଥ କର, ଅମର କୁମାର ନାୟକ, ରୁକୁଣୀ ସାହୁ, ମୋନାଲିସା ଭଂଜ, ଅରୁଣ କୁମାର ମହାନ୍ତି, ସୁବ୍ରତ ମହାନ୍ତି, ସନ୍ତୋଷ କୁମାର ବାଛିନି, ନମିତା ରାଉତ, ସର୍ବେଶ୍ୱର ମହାପାତ୍ର, ରବୀନ୍ଦ୍ର କୁମାର ଆଚାର୍ଯ୍ୟ, ପ୍ରହ୍ଲାଦ ଦାସ, ଅବଜ ବଂଧୁ ବାରିକ, ବ୍ରହ୍ମାନନ୍ଦ ନାୟକ, ବାଲ୍ମିକୀ ନାୟକ, ଦୋଳମଣି ପୁହାଣ ପ୍ରମୁଖ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅଧିବେଶନ ଶେଷରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆଧ୍ୟାତ୍ମିକ ପତ୍ରିକା 'ମହାବାହୁ' ପାଇଁ ଉଚ୍ଚକୋଟିର ଲେଖା ମାନ ପ୍ରେରଣ କରିଥିବାରୁ ସମସ୍ତ ଲେଖକ, ଲେଖିକା ଓ ସାରସ୍ୱତ ସାଧକ ମାନଙ୍କୁ 'ମହାବାହୁ'ର ମୁଖ୍ୟ ସଂପାଦକ ଡ଼ ଦିଲୀପ କୁମାର ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ ।

ନୀତିକାନ୍ତି ଅନୁଯାୟୀ ଶାନ୍ତିଶୃଙ୍ଖଳ ସହ ବିଭିନ୍ନ ସ୍ଥାନରେ ୩ ଦିଅଙ୍କ ବାହୁଡା ଯାତ୍ରା

ଜଳେଶ୍ୱର, ୧୬/୭ (ନି.ପ୍ର): ମୁକ୍ତି ମଣ୍ଡପ ପଣ୍ଡିତ ମାନଙ୍କ ସିଦ୍ଧାନ୍ତ ଅନୁଯାୟୀ ଏବଂ ନିତିକାନ୍ତିରେ ଜଳେଶ୍ୱର ଅଂଚଳରେ ମହାପ୍ରଭୁଙ୍କର ବାହୁଡାଯାତ୍ରା ଆଜି ଶେଷ ହୋଇଛି । ଅପରାହ୍ନରେ ଛେରାପହଁରା କାର୍ଯ୍ୟ ଶେଷ ହେବାପରେ ତିନି ରଥରେ ତିନି ଦିଅଁ ମାଉସୀମା ବାଡିରୁ ଆସି ମନ୍ଦିର ନିକଟରେ ପହଞ୍ଚିଛନ୍ତି । ନୂଆବଜାର ବାହୁଡାଯାତ୍ରାରେ ଆଜି ବିଧାୟକ ଅଶ୍ୱିନୀ ପାତ୍ର ଛେରାପହଁରା ସାରିବାପରେ ଉପସ୍ଥିତ ମହିଳାମାନେ ସୁଭଦ୍ରା, ବଳଭଦ୍ରଙ୍କ ରଥକୁ ଟାଣିଥିବା ଦେଖିବାକୁ ମିଳିଥିଲା । ଜଗନ୍ନାଥ ରଥକୁ ଉପସ୍ଥିତ ଭକ୍ତମାନେ ଟାଣି ଟାଣି ମନ୍ଦିରକୁ ନେଇଥିଲେ । ମନ୍ଦିର ପୂଜକ ସପନ ମିଶ୍ର, ପୌରପାଳ ପ୍ରତୀପ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଜେନା, ଆଇନ୍‌ଜିବୀ ଚିନ୍ମୟ ଦାସ ପ୍ରମୁଖଙ୍କ ନେତୃତ୍ୱରେ ଏପରି କାର୍ଯ୍ୟ ସମ୍ପାଦନ ଅନୁଷ୍ଠିତ ହୋଇଥିଲା ।ସେହିପରି ଇସ୍କନ ପକ୍ଷରୁ ମହାପ୍ରଭୁଙ୍କ ବାହୁଡାଯାତ୍ରା ରାଜପୁରରୁ ଜଳେଶ୍ୱର ଅନୁଷ୍ଠିତ ହୋଇ ଯାଇଛି । ଏଠାରେ ପ୍ରବୀର ପ୍ରଧାନ ଛେରାପହଁରା କାର୍ଯ୍ୟ ସାରିବାପରେ ଚନ୍ଦନ ଦାସ ଓ ହେମହରି ମହାରାଜଙ୍କ ତତ୍ତ୍ୱବଧାନରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ଅନୁରୂପଭାବେ ଜଳେଶ୍ୱରର ସର୍ବପୁରାତନ ବଡବଜାର ଜଗନ୍ନାଥ ବାହୁଡାଯାତ୍ରାରେ ଲକ୍ଷ୍ମୀକାନ୍ତ କର ଛେରାପହଁରା କାର୍ଯ୍ୟ ଶେଷ ପରେ ରଥଟଣା ଆରମ୍ଭ ହୋଇଥିଲା । ପାବନକ୍ଷେତ୍ର ଛମୌଜରେ ତିନି ଦିଅଁ ତିନି ରଥରେ ମାଉସୀ ଘରୁ ଶ୍ରୀମନ୍ଦିରକୁ ଫେରିଥିଲେ । ସେଠାରେ ଶରତ ପ୍ରଧାନ ଛେରାପହଁରା କରିଥିଲେ । ବିନୋଦ ମହାପାତ୍ର, ସୌରଭ ମହାପାତ୍ର, ପ୍ରଦୀପ ପଣ୍ଡା, ନିର୍ମଳ ରାଜ, ମନୋରଂଜନ ଦାସଙ୍କ ନେତୃତ୍ୱରେ ଏପରି କାର୍ଯ୍ୟ ସମ୍ପନ୍ନ ହୋଇଛି । ସର୍ବପୁରାତନ ରାଇବଣିଆର ମାକିଡିଆ ଜଗନ୍ନାଥ ମନ୍ଦିରରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସେହିପରି ଜଳେଶ୍ୱରର ପଶ୍ଚିମବାର୍ଡ, ଦେବକୁମାର, ଝାଡପିମ୍ପଳ, ବାଇଗଣବାଡିଆ, ଖୁଲୁଡା, ବର୍ଡନା, ବଡନଗର, ଶାଳିକୋଠା, ରାଜପୁର, ମହମ୍ମଦନଗର ପାଟଣା, ଲକ୍ଷ୍ମଣାନାଥ, ଆମ୍ବଳିଅଠା, ସୁଗୋ, ନାମ୍ପୋ, ଡେମୁରିଆ, ସର୍ଦ୍ଦାର ବନ୍ଧ, ଶ୍ୟାମନଗର , ଖୁଆର୍ଡ, ବରଡିଆ, କାଳିକ, ଶିଖରପୁର, ରାଇବଣିଆ, ଓଲମରା ଠାରେ ଆଜି ବାହୁଡାଯାତ୍ରା ଶାନ୍ତିଶୃଙ୍ଖଳାସହ ଅନୁଷ୍ଠିତ ହୋଇ ଯାଇଛି ।

ବାହୁଡ଼ିଲେ ମହାବାହୁ: ଅଧାବାଟରେ ଅଟକିଲା ରଥ

ନୀଳଗିରି , ୧୬/୭ (ନି.ପ୍ର): ନବଦିନାତ୍ମକ ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ରେ ଗତ ସୋମବାର ପହଣ୍ଡି ବିଜେ ନୀତି ସମ୍ପନ୍ନ ପରେ ରଥାରୁଢ଼ ହୋଇଥିଲେ ଚତୁର୍ଦ୍ଧାମୂର୍ତ୍ତି । ଶ୍ରୀକ୍ଷେତ୍ର ପୁରୀରେ ନବଦିନାତ୍ମକ ଘୋଷଯାତ୍ରା ପାଳନ ହେଉଥିବା ବେଳେ ବହୁବର୍ଷର ପରମ୍ପରା ଅନୁଯାୟୀ ନୀଳଗିରି ଘୋଷଯାତ୍ରା ୧୧ଦିନ ଧରି ପାଳିତ ହୋଇଥାଏ । ରତ୍ନବେଦୀ ଛାଡି ଚତୁର୍ଦ୍ଧାମୂର୍ତ୍ତୀ ନଅଦିନ ପାଇଁ ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ବଡଦେଉଳ ଛାଡି ବଡ଼ଦାଣ୍ଡକୁ ଆସିଥାନ୍ତି । ମାଉସୀ ମା ମନ୍ଦିରରେ ଲୀଳାଖେଳା ସାରି ବାହୁଡାରେ ବାହୁଡ଼ି ଯାଆନ୍ତି । ବାହୁଡାର ପ୍ରଥମ ଦିନ ଶ୍ରୀଜୀଉ ପହଣ୍ଡି ବିଜେ କରି ରଥାରୁଢ଼ ହୋଇଥାଆନ୍ତି । ଆଜି ଦ୍ୱିତୀୟ ଦିବସରେ ବଡଦାଣ୍ଡ ଗୁଣ୍ଡିଚା ମନ୍ଦିର ସମୀପରେ ଅବସ୍ଥିତ ରଥକୁ ସମସ୍ତ ନୀତି ସମ୍ପନ୍ନ ପରେ ଅପରାହ୍ନ ଚାରିଟା ସମୟରେ ରଥଟଣା ଆରମ୍ଭ ହୋଇଥିଲା । ବାଲେଶ୍ୱର ଏସ. ପି ସାଗରିକା ନାଥଙ୍କ ଉପସ୍ଥିତିରେ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ହଜାର ହଜାର ଭକ୍ତଙ୍କ ମେଳରେ ରଥ ଟାଣିଥିଲେ । ନୀଳଗିରିର ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ପରିଚାଳନାରେ ସହଯୋଗ କରିଥିବା ବେଳେ ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ, ଏସ. ଡି. ପି. ଓ ସରୋଜ ଉପାଧ୍ୟାୟ, ଆଇ. ଆଇ. ସି ଗୋପାଳ ଚନ୍ଦ୍ର କର୍ଣ୍ଣ ପ୍ରମୁଖ ଅଧିକାରୀ ଉପସ୍ଥିତ ରହି ତଦାରଖ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ଦାୟିତ୍ୱରେ ୭ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିବା ସୂଚନା ମିଳିଛି । ପ୍ରାୟ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାବେଶ ହୋଇଥିବା ଦେଖିବାକୁ ମିଳିଛି । ଆଜି ଘୋଷଯାତ୍ରାର ଅନ୍ତିମ ଦିବସ ହୋଇଥିବାରୁ ବହୁ ଭକ୍ତଙ୍କ ସମାଗମ ହେବାର ଆକଳନ କରାଯାଇଛି ।

ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

ଜମ୍ମୁ-କଶ୍ମୀରରେ...

ତୁରନ୍ତ ସେମାନଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଆଜି ଭୋରୁ ଅଧିକାରୀଙ୍କ ସମେତ ୪ ଜଣ ଯବାନ ଆଖି ବୁଜି ଦେଇଛନ୍ତି । ଆଉ ଜଣେ ଯବାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ସମଗ୍ର ଅଞ୍ଚଳକୁ ସିଲ୍ କରି ସୁରକ୍ଷା କର୍ମୀମାନେ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି । ଗତ କିଛି ଦିନ ହେଲା ଘାଟିରେ ଆତଙ୍କୀ ନିପାତ ଅଭିଯାନ ବେଳେ ସୁରକ୍ଷାକର୍ମୀ ସହ ଆତଙ୍କବାଦୀଙ୍କର ଗୁଳି ବିନିମୟ ହେଇଛି । ଗତ କିଛି ଦିନ ମଧ୍ୟରେ ଜମ୍ମୁ- କଶ୍ମୀରରେ ଆତଙ୍କବାଦୀ ହମଲା ବଢ଼ିବାରେ ଲାଗିଛି । ଭାରତୀୟ ସେନା ପକ୍ଷରୁ ଗତ ୧୪ ତାରିଖରେ ନିୟନ୍ତ୍ରଣ ରେଖା ନିକଟରେ ଅନୁପ୍ରବେଶ ରୋକିବାକୁ ଯାଇ ୩ ଜଣଙ୍କୁ ଗୁଳି କରି ମାରି ଦେଇଥିଲା । ଗତ ୮ ତାରିଖରେ ଆତଙ୍କବାଦୀମାନେ କଠୁଆଠୁ ୧୨୩ କିମି ଦୂରରେ ଥିବା ମାଚେଡି ଅଞ୍ଚଳରେ ସେନାର ଦୁଇଟି ଟ୍ରକ୍ ଉପରେ ହାମଲା କରିଥିଲେ, ଯେଉଁଥିରେ ୫ ଯବାନ ଶହୀଦ ହୋଇଥିବା ବେଳେ ବେଳେ ୫ ଜଣ ଯବାନ ଆହତ ହୋଇଥିଲେ । । ଆତଙ୍କବାଦୀମାନେ ଗ୍ରେନେଡ ଫିଙ୍ଗିଥିଲେ ଏବଂ ପରେ ଗୁଳି ଚଳାଇବା ଆରମ୍ଭ କରିଥିଲେ । ଏହି ଆକ୍ରମଣ ପରେ ଆତଙ୍କବାଦୀମାନେ ନିକଟସ୍ଥ ଜଙ୍ଗଲକୁ ପଳାଇ ଯାଇଥିବା ଜଣାପଡିଛି । ତେବେ ଆତଙ୍କବାଦୀଙ

ବୁଧବାର, ଜୁଲାଇ ୧୭, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ପିପିଏଲ ପକ୍ଷରୁ ଏକଲକ୍ଷ ଚାରା ରୋପଣ କରିବାର ଲକ୍ଷ୍ୟ ନେଇ କାର୍ଯ୍ୟକ୍ରମ

ପାରାଦୀପ, ୧୬/୭ (ନି.ପ୍ର): ଆଜି ପାରାଦୀପ ଫସଫେଟ୍ସ ଲିମିଟେଡ୍ ଦ୍ୱାରା ଆୟୋଜିତ ଚାରା ରୋପଣ କାର୍ଯ୍ୟକ୍ରମ ରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ନିର୍ଦ୍ଦେଶକ ମ୍ରିନାଲ କାନ୍ତି ବିଶ୍ୱାସ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ତଥା ବୈଜ୍ଞାନିକ ଅଭିଜିତ ପାଠକ ପ୍ରମୁଖ ମାନଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ଭୁୟସୀ ପ୍ରଶଂସା କରିଥିଲେ।'ଗୋଟିଏ ଗଛ ମା ପାଇଁ' ଥେମ ଉପରେ କାର୍ଯ୍ୟକ୍ରମ ଟି ଆଧାରିତ ଥିଲା।ପାରାଦୀପ ଫସଫେଟ୍ସ ର ବରିଷ୍ଠ ଅଧିକାରୀ ମାନେ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ଆଗକୁ ପ୍ଲାଣ୍ଟ ପରିସରରେ ଏକ ଲକ୍ଷ ଚାରା ରୋପଣ କରିବାର ଲକ୍ଷ୍ୟ ରଖିଛନ୍ତି ବୋଲି ଅଭିମତ ପୋଷଣ କରିଥିଲେ।ଏହି ଅବସରରେ ପିପିଏଲ ର ମୁଖ୍ୟ ଉତ୍ପାଦନ ଅଧିକାରୀ ତଥା ୟୁନିଟ ହେଡ ଶ୍ରୀ ପାଲାନୀସାମି ଭେଲୁସାମୀ ଚାରା ରୋପଣ କୁ ଗୁରୁତ୍ୱାରୋପ କରି କହିଛନ୍ତି ଯେ ପିପିଏଲ ରେ ଆମ କମ୍ପାନୀ ପରିବେଶ ସଂରକ୍ଷଣ ର ଗୁରୁତ୍ୱ କୁ ସବୁବେଳେ ଗୁରୁତ୍ୱ ଦେଇ ଆସିଛି।ପାରାଦୀପ ଫସଫେଟ୍ସ ଲିମିଟେଡ ର ସିଜିଏମ (ଏଚଆର ଆଣ୍ଡ ଆଇଆର) ସୁମିତ ସେନାପତି ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

ତେଜିଲା ବେଆଇନ ଖଣି ଖନନ ବନ୍ଦ ଦାବି: ରାସ୍ତାରୋକ କରି ପ୍ରତିବାଦ କଲେ ଗ୍ରାମବାସୀ

ଖୋର୍ଦ୍ଧା, ୧୬/୭ (ନି.ପ୍ର): ତେଜିଛି ବେଆଇନ ଖଣି ଖନନ ବନ୍ଦ ଦାବି । ବେଆଇନ ଖଣି ଖନନ ଯୋଗୁ ଗ୍ରାମର ଗୋଚର, କାଜୁ ଜଙ୍ଗଲ ସବୁ ନଷ୍ଟ ହେଉଥିବାବେଳେ ଏନେଇ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ନମିଳିବାରୁ ଖଣି ଖନନ ବନ୍ଦ ଦାବିରେ ଆଜି ହଳଦିପଦା ଗ୍ରାମର ଶତାଧିକ ଗ୍ରାମବାସୀ ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ । ଫଳରେ ଗାଁ କୁ ବାହାରୁ କେହି ବି ପସି ପାରିନଥିଲେ କି ସ୍କୁଲ କୁ ଶିକ୍ଷକ ଆସିପାରିନଥିଲେ । ରାସ୍ତାର ଦୁଇପାଶ୍ୱର୍ରେ ସମସ୍ତେ ଅଟକି ରହିଥିଲେ । ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ତହସିଲଦାର ପହଁଚି ଖଣି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେବାରେ ଧାରଣାରୁ ଗ୍ରାମବାସୀ ଉଠିଥିଲେ । ପ୍ରକାଶ ଥାଉକି,ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ନାଲିପଡା ଅର୍ଜୁନପୁର ପଂଚାୟତ ଅନ୍ତର୍ଗତ ହଳଦିପଦା ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଗ୍ରାମରେ ଗଲା କିଛିବର୍ଷ ମଧ୍ୟରେ ଆଖୁବୁଜା

ଖଣି ଲୁଟପାଟ ଚାଲିଛି । ନାଲିପଡା ଅର୍ଜୁନପର ପଂଚାୟତ ର ସରଧାପୁର ଗ୍ରାମର ମୁସଲିମ ସଂପ୍ରଦାୟର କେତେକ ନିର୍ଦ୍ଦିଷ୍ଟ ଖଣି ମାଫିଆ ଗାଁର ପ୍ରାୟ ୨୦୦ ରୁ ୩୦୦ ଏକର କାଜୁ ଜଙ୍ଗଲକୁ କାଟି ମାଙ୍କଡା ପଥର ଖୋଳି ଚାଲିଛନ୍ତି । ସେହି କାଜୁ ଜଙ୍ଗଲରୁ ଗ୍ରାମକୁ ପ୍ରତିବର୍ଷ ରାଜସ୍ୱ ଆଦାୟ ହେବା ସହ ଆଖପାଖ ଅଚଂଳର ଅନେକ ଦଳିତ ପରିବାର ଉପକୃତ ହେଉଥିଲେ । କିନ୍ତୁ ଏବେ ସେହି ସ୍ଥାନରେ ଦୈନିକ ୨୪ ଘଂଟା କାଳ ଖଣି ଖନନ ସହିତ ଦିନ ରାତି ଶହ ଶହ ମାକଡା ପଥର ଚୋରା ଚାଲାଣ ହେଉଛି ବୋଲି ଅଭିଯୋଗ କରିଛନ୍ତି । ଏତେ ସଂଖ୍ୟାରେ ଭାରି ଯାନ ଚଳାଚଳ ଯେ, ଲୋକଙ୍କ ଯାତାୟତ ବିପଦପୂର୍ଣ୍ଣ ମଧ୍ୟ ହୋଇଛି । ସ୍କୁଲ ଛାତ୍ରଛାତ୍ରୀମାନଙ୍କ ପ୍ରତି ବିପଦ ସୃଷ୍ଟି କରିଛି । ଅତୀତରେ ଛୋଟବଡ ଦୁର୍ଘଟଣା ମଧ୍ୟ ଘଟିଛି ।ଏହି ପ୍ରକାର ପରିସ୍ଥିତି ଯୋଗୁଁ କେବଳ ହଳଦିପଦା ଗ୍ରାମ ପରିବେଶ ପ୍ରଦ୍ୟୁଷଣ ହେଉନାହିଁ ବରଂ ସରକାରଙ୍କ ରାଜସ୍ୱ ବି ହାନୀ ହୋଇଚାଲିଛି । ଏ ସମ୍ପର୍କରେ ଗ୍ରାମବାସୀ ପୂର୍ବରୁ ବହୁ ବାର ଜିଲ୍ଲାପ୍ରଶାସନକୁ ଅବଗତ କରିଥିଲେ । ମାତ୍ର ନାଁ ପୁଲିସ ପ୍ରଶାସନ ନାଁ ଖଣି କର୍ତ୍ତୃପକ୍ଷ ଏଭଳି ଏକ ସ୍ପର୍ଷ କାତର ପ୍ରସଙ୍ଗକୁ ଗୁରୁତ୍ୱ ଦେବା ପରିବର୍ତେ ଏଡାଇ ଚାଲିଛନ୍ତି । ଏଥିସହିତ ପୁଲିସ ର କିଛି ଅସାଧୁ କର୍ମଚାରୀଙ୍କ ସହ ମିଶି ଖଣି ମାଫିଆମାନେ ରାତି ତମାମ ଖଣି ଲୁଟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଯାହା କିଛି ମାସ ତଳେ ଜିଲ୍ଲାର ଖଣି ଅଧିକାରୀଙ୍କୁ ମାଡ ହେବା ଘଟଣାରେ ପୁଲିସ କାହାରିକୁ ଗିରଫ ନକରିବା ଘଟଣା ସ୍ପଷ୍ଟ କରୁଛି ବୋଲି ଅଭିଯୋଗ କରିଛନ୍ତି । ତେଣୁ ସ୍ଥାନୀୟ ଅଂଚଳରୁ ବେଆଇନ ଖଣି ଖନନ ବନ୍ଦ କରିବା ଦାବିରେ ଆଜି ଶହ ଶହ ସଂଖ୍ୟାରେ ଏକତ୍ରିତ ହୋଇ ଗ୍ରାମର ପୁରୁଷ ଓ ମହିଳାମାନେ ସ୍ଥାନୀୟ ବିଦ୍ୟାଳୟରେ ତାଲା ପକାଇବା ସହିତ ଗ୍ରାମର ମୁଖ୍ୟ ରାସ୍ତାରେ ଆନ୍ଦୋଳନ କରି ଧାରଣା ରେ ବସିଥିଲେ । ଖଣି ମାଫିଆଙ୍କୁ ଗିରଫ କରିବା ସହ ଅଂଚଳରୁ ପଥର ଖନନ କରିବା ସମ୍ପୁର୍ଣ୍ଣ ବନ୍ଦ କରିବାକୁ ଅଡି ବସିଛନ୍ତି ଗ୍ରାମବାସୀ । ବେଆଇନ ଭାବେ ଖୋଲାଯାଇଥିବା ଗଭୀର ଖଣି ଖାଦାନ ଅଂଚଳ ଏବେ ଜନଜୀବନଙ୍କ ପାଇଁ ବିପଦପୂର୍ଣ୍ଣ ହୋଇଛି । ଖବର ପାଇ ଖୋର୍ଦ୍ଧା ତହସିଲଦାର ବିଭାସ ପାଣିଗ୍ରାହୀଙ୍କ ସହିତ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ ଓ ପୋଲିସ ଟିମ୍ ସହ ଘଟଣା ସ୍ଥଳରେ ପହଁଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିବା ବେଳେ ବେଆଇନ ଖଣି ଖନନକୁ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଛି ।

'ଝୁମା ଝୁମା ଗୋଲାପି ବେଳାରେ' ଗୀତିକାର ସଂଗ୍ରାମ କେଶରୀ ମହାନ୍ତିଙ୍କୁ 'ପ୍ରଜାପତି ଗୀତିକବି ସମ୍ମାନ-୨୦୨୪'

ବାଲେଶ୍ୱର, ୧୬/୭ (ନି.ପ୍ର): ଶିକ୍ଷା ଓ ଜ୍ଞାନର ଦିବ୍ୟଦୃଷ୍ଟି 'ପ୍ରଜାପତି'ର ସାହିତ୍ୟ ଶାଖା 'ଅକ୍ଷର' ତରଫରୁ ଗଳ୍ପ ଓ କବିତା ପରେ ପ୍ରଥମ ରାଜ୍ୟସ୍ତରୀୟ ଗୀତି କବିତା ସମ୍ମାନ ପ୍ରଦାନ ଉତ୍ସବ 'ଗୁଞ୍ଜରଣ' ତା ୦୪-୦୮-୨୦୨୪ ରିଖ ସନ୍ଧ୍ୟାରେ ଆତିଥ୍ୟ ଭବନରେ ଅନୁଷ୍ଠିତ ହେବ। ରାଜ୍ୟର ପ୍ରତିଷ୍ଠିତ ବର୍ଷିୟାନ୍ ମୟୁରଭଞ୍ଜ ଜିଲ୍ଲା ବାରିପଦା ନବାସୀ ଗୀତିକାର ସଂଗ୍ରାମ କେଶରୀ ମହାନ୍ତି ଗ୍ରହଣ କରିବେ 'ପ୍ରଜାପତି ଗୀତିକବି ସମ୍ମାନ-୨୦୨୪'। ଗୀତିକାର ମହାନ୍ତି, ଚଳଚ୍ଚିତ୍ର - 'ଫୁଲଚନ୍ଦନ', 'ଅଭିଳାଷ', 'ଗୋପରେ ବଢୁଛି କଳା କହ୍ନେଇ', 'ତୁମେ ହିଁ ସାଥୀ ମୋର' ଓ 'ମୋ ମନ ଖାଲି ତୋରି ପାଇଁ' ଆଦି ୬ଟି ଚଳଚ୍ଚିତ୍ରରେ ଗୀତ ଲେଖିବା ସହ 'ଝୁମା ଝୁମା ଗୋଲାପି ବେଳାରେ' ଠୁଁ 'ଶୃଙ୍ଗାର ଶତକ' ଯାଏଁ ୮ ଖଣ୍ଡ ପୁସ୍ତକ ରଚନା

କରିଛନ୍ତି। ତତ୍‌ସହିତ ଅନେକ କ୍ୟାସେଟ୍‌ରେ ଗୀତ ରଚା କରିବା ସହ ବହୁ ଅନୁଷ୍ଠାନରୁ ସମ୍ମାନ ଓ ସମ୍ବର୍ଦ୍ଧନା ଗ୍ରହଣ କରିଛନ୍ତି। ଓଡ଼ିଆ ଗୀତିକବିତା ସମାଜର ସଂପାଦକ ଓ କବିଚନ୍ଦ୍ର ଡକ୍ଟର କାଳୀଚରଣ ପଟ୍ଟନାୟକ ସ୍ମୃତି ମଂଚ 'କଳା ସୌରଭ'ର ସମ୍ପାଦକ କଟକ ଜିଲ୍ଲା ନିବାସୀ ଗୀତିକାର ଓ ଗୀତିକବି ପ୍ରେମଚାନ୍ଦ୍ ମହାନ୍ତିଙ୍କୁ ମଧ୍ୟ ପ୍ରଦାନ କରାଯିବ 'ପ୍ରଜାପତି ସ୍ୱତନ୍ତ୍ର ଗୀତିକବିତା ସମ୍ମାନ - ୨୦୨୪'। ଶ୍ରୀ ମହାନ୍ତିଙ୍କ ଗୀତିପୁସ୍ତକ 'କେହି ଜଣେ' ବେଶ୍ ପାଠକପ୍ରିୟ ଓ ଅନେକ କ୍ୟାସେଟ୍‌ରେ ଗୀତିକାର ହିସାବରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ଅଛି। ଆମ ମାଟିର ଗର୍ବ ଓ ଗୌରବ ବରେଣ୍ୟ ଗୀତିକାର ଶିବବ୍ରତ ଦାସଙ୍କୁ ଆୟୋଜିତ ମଞ୍ଚଟି ସମର୍ପିତ କରାଯିବ। ତାଙ୍କ ସ୍ମୃତି ସମ୍ମାନାର୍ଥେ ଆମ ମାଟିର ତିନିଜଣ ସଫଳ ଗୀତିକବି - ଭରତ ଚନ୍ଦ୍ର ଦାଶ, ସୁରଞ୍ଜନ ପାତ୍ର ଓ ଡ. ଦିଲ୍ଲୀପ ରଥଙ୍କୁ ତାଙ୍କ ଗୀତିକବିତା ରଚନାର ସଫଳତା ପାଇଁ ପ୍ରଦାନ କରାଯିବ - 'ଆମ ମାଟିର ଗୀତିକବି-୨୦୨୪'। ଆୟୋଜିତ ଉତ୍ସବ 'ଗୁଞ୍ଜରଣ' ରେ ସମ୍ମାନ ପ୍ରଦାନ କରାଯିବା ସହ ଗୀତିକାର ଶିବବ୍ରତ ଦାସ ଓ ଗୀତିକାର ସଂଗ୍ରାମ କେଶରୀ ମହାନ୍ତିଙ୍କ ସଂଗୀତ ପରିବେଷଣା କରାଯିବ। ଏହି ଗୀତ ଓ ଗୀତିକବିତାର ଅପୂର୍ବ ମିଳନରେ ଗୁଞ୍ଜରିତ ହେବ 'ଗୁଞ୍ଜରଣ'ର ସନ୍ଧ୍ୟା ବୋଲି 'ପ୍ରଜାପତି'ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସ ଜଣାଇଛନ୍ତି।

ସୁବର୍ଣ୍ଣରେଖା ନଦୀରେ ଭବ୍ୟ ନଦୀ ଆରତୀ ଅନୁଷ୍ଠିତ

ଲଙ୍ଗଳେଶ୍ୱର, ୧୬/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଇକାଡ଼ପାଳ ଗ୍ରାମସ୍ଥ ସୁବର୍ଣ୍ଣରେଖା ନଦୀ କୂଳରେ ମଙ୍ଗଳାବର ସନ୍ଧ୍ୟା ରେ ସୁବର୍ଣ୍ଣରେଖା ସୁରକ୍ଷା ଅଭିଯାନ ଶାଖା ବାଲିଆପାଳର ଆବାହକ ଅରୁଣ ଜେନାଙ୍କ ନେତୃତ୍ୟୁରେ ଏକ ଭବ୍ୟ ନଦୀ ଆରତୀ ଅନୁଷ୍ଠିତ ହୋଇଯାଉଛି।ନଦୀ ଜୀବଜଗତକୁ ପାଳନ କରି ଆସୁଥିବାରୁ ନଦୀ ମାତୃକା ର ସୁରକ୍ଷା , ନଦୀକୁ ପ୍ରଦୂଷଣମୁକ୍ତ କରିବା, ନଦୀର ଜଳ ପ୍ରବାହକୁ ନିରବଚ୍ଛିନ୍ନ କରିବା ଲଗି ଜନ ସାଧାରଣଙ୍କୁ ନଦୀ ସହିତ ଯୋଡ଼ିବା ପାଇଁ ସ୍ଥାନୀୟ ଅଂଚଳର ବହୁ ମହିଳା ପୁରୁଷ ଓ ପିଲାମାନଙ୍କୁ ଏକତ୍ରିତ କରାଯାଇ ନଦୀକୁ ପୂଜା କରିବା ସହିତ ସମସ୍ତଙ୍କୁ ନଦୀ ସହିତ ଯୋଡିବା ପାଇଁ ନଦୀ ଆରତୀ କରଯାଇଥିଲା। ଆମ ସୁବର୍ଣ୍ଣରେଖା ନଦୀ କୋଟି କୋଟି ପ୍ରାଣର ସଂଜୀବନୀ, ସୁବର୍ଣ୍ଣ ଧାରିଣୀ ସୁବର୍ଣ୍ଣରେଖା ଆମର ଜୀବନ ରେଖା ବୋଲି ସୁବର୍ଣ୍ଣରେଖା ନଦୀ ସୁରକ୍ଷା ଅଭିଯାନ ବାଲିଆପାଳ ଶାଖାର ଆବାହକ ଶ୍ରୀ ଜେନା କହିଥିଲେ। ଏହି କାର୍ଯ୍ୟକ୍ରମ ରେ ସୁଚନା ଅଧିକାର ଅଭିଯାନ ବାଲିଆପାଳ ଶାଖାର ଆବାହକ ଅନୁଜ ମହାପାତ୍ର, ଦିବାକର ଦାସ, ଅମୂଲ୍ୟ ପଟାୟତ, କବିତା ଜେନା, ପଦ୍ମାବତୀ ପଟାୟତ କରୁଣାକର ଜେନା, ନମିତା ବେହେରା, ଝୁମା ମଙ୍ଗରାଜ ଙ୍କ ସହିତ ବହୁ ସ୍ଥାନୀୟ ଲୋକମାନେ ସାମିଲ ଥିଲେ।

ରେମୁଣା ବିଜେପି ତରଫରୁ ମତଦାତା ସମ୍ବର୍ଦ୍ଧନା ସମାବେଶ ଅନୁଷ୍ଠିତ

ରେମୁଣା, ୧୬/୭ (ନି.ପ୍ର): ମଙ୍ଗଳବାର ସକାଳ ୧୧ ଘଟିକା ସମୟରେ ରେମୁଣା ମନ୍ଦିର ଛକ ନିକଟସ୍ଥ ହନୁମାନ କଲ୍ୟାଣ ମଣ୍ଡପରେ ରେମୁଣା ବିଜେପି ତରଫରୁ ଏକ ବିଶାଳ ମତଦାତା ଅଭିନନ୍ଦନ ସମାବେଶ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ବିଜେପି ସରକାର ଗଢ଼ିବା ସହ ବାଲେଶ୍ୱର ଲୋକସଭା ତଥା ରେମୁଣା ବିଧାନସଭା କ୍ଷେତ୍ରରେ ବିପୁଳ ସଂଖ୍ୟାରେ ଭୋଟ ପାଇ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ଏହା କେବଳ ଲୋକଙ୍କ ପାଇଁ ହିଁ ସମ୍ଭବ ହୋଇପାରିଛି। ଏହି ଅବସରରେ ସାଂସଦ ଏବଂ ବିଧାୟକ ଉଭୟ ମତଦାତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ରେମୁଣା ନିର୍ବାଚନ ମଣ୍ଡଳୀ ସଂଯୋଜକ କାର୍ତ୍ତିକ ଚନ୍ଦ୍ର ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ସାଧାରଣ ସମ୍ପାଦକ

ପର୍ଶ୍ୟୁରାମ ପରିଡ଼ା,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ପୂର୍ବତନ ବ୍ଲକ ଅଧକ୍ଷ ସୁଶାନ୍ତ ପଟ୍ଟନାୟକ,ଗୋପୀନାଥ ସେନାପତି, ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସୁବୋଧ ଚନ୍ଦ୍ର ପଣ୍ଡା, କୃଷକ ମୋର୍ଚ୍ଚା ରାଜ୍ୟ ମିଡ଼ିଆ ସଂଯୋଜକ ବିକାଶ ପାଢ଼ୀ, ପୂର୍ବତନ ସରପଞ୍ଚ ଉମାକାନ୍ତ ପଣ୍ଡା,ମଣ୍ଡଳ ସଭାପତି ବିଭୂତି ରଞ୍ଜନ ସେନାପତି,କୃଷ୍ଣ ଚନ୍ଦ୍ର ସାହା, ମଳୟ କୁମାର ବିଶ୍ୱାଳ,ଗିରିଧାରୀ ଦାସ, କାହ୍ନୁ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରେ ମଞ୍ଚରେ ଉପସ୍ଥିତ ଥିବା ସମସ୍ତେ ଜଣ ଜଣ କରି ମତଦାତାଙ୍କୁ ଧନ୍ୟବାଦ୍ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବୁଥ ସଭାପତି, ଲଢ଼ିଥିବା ସମସ୍ତ ସରପଞ୍ଚ ସମିତି ସଭ୍ୟ,ୱାର୍ଡ ମେମ୍ବର,ୱାର୍ଡ କାଉନସିଲର, ପଞ୍ଚାୟତ ପ୍ରମୁଖ ,ସହ ପ୍ରମୁଖ,ପ୍ରଭାରୀଙ୍କ ସହ ସାଧାରଣ ଲୋକ ଯୋଗ ଦେଇଥିଲେ। ସାଂସଦ ଏବଂ ବିଧାୟକ ନିଜ ଅଭିଭାଷଣରେ ଉପସ୍ଥିତ ଲୋକଙ୍କୁ ଧନ୍ୟବାଦ୍ ଜଣାଇବା ସହ ଆଜି ଆପଣମାନଙ୍କ ପାଇଁ ଓଡ଼ିଶା ତଥା କେନ୍ଦ୍ରରେ ବିଜେପି ସରକାର କରିବାରେ ସକ୍ଷମ ହୋଇପାରିଛି। ଓଡ଼ିଶାର ଲୋକଙ୍କ ଦୃଢ଼ ବିଶ୍ୱାସ ଏବଂ ମନବଳ ଆଜି ଏକ ମୁକ,ବଧିର,ଦୁର୍ନୀତି ଗ୍ରସ୍ଥ ସରକାରକୁ ଗାଦିଚ୍ୟୁତ କରିଛି। ବିଜେପି ସରକାର ହେଉଛି ଲୋକଙ୍କ ସରକାର ଏଠି ଅଫିସର ନୁହଁ ଲୋକଙ୍କ କଥାରେ ସରକାର ଚାଲିବ। ଏହା ପରେ ଉପସ୍ଥିତ ଲୋକଙ୍କୁ ପୁଷ୍ପ ବର୍ଷା କରି ସମ୍ବର୍ଦ୍ଧନା ଜଣାଇଥିଲେ। ଶେଷରେ ରେମୁଣା ନଗର ସଭାପତି କାହ୍ନୁ ଚରଣ ବେହେରା ସମସ୍ତଙ୍କୁ ଧନ୍ୟବାଦ ଜଣେଇ ସଭା ସାଙ୍ଗ କରିଥିଲେ।

ଗାୟତ୍ରୀ ପରିବାର ପକ୍ଷରୁ ଘୋଷ ଯାତ୍ରାରେ ସର୍ବତ ବିତରଣ

ନୀଳଗିରି, ୧୬/୭ (ନି.ପ୍ର): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ର ଘୋଷ ଯାତ୍ରା ରେ ବିଭିନ୍ନ ସ୍ୱେଚ୍ଛାସେବୀ ତଥା ଆଧ୍ୟାତ୍ମିକ ସଂଗଠନ ପକ୍ଷରୁ ବହୁ ଦୃଷ୍ଟାନ୍ତ ମୂଳକ ସେବା କାର୍ଯ୍ୟ କରଇଥିବା ଦେଖା ଯାଇଛି।ତେବେ ଉକ୍ତ ନବ ଦିନାତ୍ମକ ଘୋଷ ଯାତ୍ରା ରେ , ଗାୟତ୍ରୀ ପରିବାର ପକ୍ଷରୁ ଘୋଷ ଯାତ୍ରା ରେ ସାମିଲ ହୋଇଥିବା ହଜାର ହଜାର ଶ୍ରଦ୍ଧାଳୁ ଙ୍କୁ ଲେମ୍ବୁ ଓ ଦହି ସର୍ବତ ବିତରଣ କରୁଥିବା ଦେଖାଯାଇଛି।ସର୍ବତ ଗିଲାସେ ପିଇବା ପରେ ଅନେକ ବୃଦ୍ଧ/ ବୃଦ୍ଧା, ମହିଳା/ କିଶୋର/ କିଶୋରୀ ବେଶ ଖୁସି ବ୍ୟକ୍ତ କରିଥିବା ଶୁଣାଯାଇଛି। ଗାୟତ୍ରୀ ପରିବାର ଶକ୍ତି ପୀଠ ପକ୍ଷରୁ ଯତୀନ୍ଦ୍ର ନାଥ ଭୋଳ ଓ ସୀତାନାଥ ବେହେରା ଙ୍କ ସିଧାସଳଖ ତତ୍ତ୍ୱାବଧାନ ରେ ପ୍ରାୟ ୧୪ ଜଣ ସଦସ୍ୟ ଅକ୍ଳାନ୍ତ ପରିଶ୍ରମ କରି ଶହ ଶହ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁ ଙ୍କୁ ସର୍ବତ ବିତରଣ କରୁଥିବା ଦେଖାଯାଇଛି।

ରଥରେ ଅଘଟଣ : ନିଆଁ ଲାଗି ପୋଡ଼ିଗଲେ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତୀ ସହ ରଥ

ନୀଳଗିରି, ୧୬/୭ (ନି.ପ୍ର): ଘଟଣାଟି ଘଟିଛି ନୀଳଗିରି ଉପଖଣ୍ଡ ସୀମାନ୍ତ ରେମୁଣା ବ୍ଲକ୍ ସାଆନ୍ତା ଛକ ରଥରେ । ବିବରଣୀ ଅନୁଯାଇ ବାହୁଡା ଯାତ୍ରା ଅବସରରେ ଆଜି ରେମୁଣା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ସାଆନ୍ତା ଛକ ରଥଯାତ୍ରା ସମୟରେ କୌଣସି ଅସାବଧାନତା ବଶତଃ ରଥରେ ନିଆଁ ଲାଗିଥିଲା । ପରେ ନିଆଁ ରଥରୁ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦେହରେ ଲାଗିଯିବା ଫଳରେ ଶ୍ରୀଜୀଉ ପୋଡ଼ିଯାଇଥିଲେ । ଅଘଟଣ ଘଟିବା ପରେ ଘଟଣା ଲୁଚାଇବାକୁ ଯାଇ ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ରଥର ଫୋଟୋ ଉତ୍ତୋଳନ କରିଥିଲେ । ତେବେ ରଥରେ ମହାପ୍ରଭୁ ନଥିବାରୁ, ପ୍ରଭୁଙ୍କୁ କୁଆଡ଼େ ନେଇଗଲ ପଚାରିବାରୁ ସେବାୟତ ଛତ୍ରଭଙ୍ଗ ଦେଇଥିଲେ । ପ୍ରଭୁଙ୍କୁ ଅନ୍ୟତ୍ର ନେଇ ତରବାରିଆ ଭାବେ ଗ୍ରାମର କୌଣସି ଏକ ନିଛାଟିଆ ସ୍ଥାନରେ ମାଟି ତଳେ ପୋତି ଦେଇଥିବା ବିଶେଷ ସୂତ୍ରରୁ ଖବର ମିଳିଛି । ଅନ୍ୟ ଦିଗରେ ଯେଭଳିଭାବେ କେହି କିଛି ଜାଣି ନପାରିବେ ସେଥିପାଇଁ ରଥରେ ପୋଡ଼ିଯାଇଥିବା ଅଂଶରେ ତରବରିଆ ଭାବେ ନୂତନ କାଠ ଯୋଖାଯାଇଥିଲା। ଯାହା ପୂର୍ବ ରଙ୍ଗ ସହ ମିଶୁ ନଥିଲା ଏବଂ ଧଳା ଲୁଗା ପ୍ରଭୁଙ୍କ ଆସ୍ଥାନ ଉପରେ ଘୋଡାଇ ଦେଇଥିଲେ । ଏଭଳି ଅଘଟଣକୁ ନେଇ ଅଞ୍ଚଳବାସୀ ଦୁଃଖିତ ହେବା ସହ ସମାଲୋଚନା କରିଛନ୍ତି । ପୂର୍ବରୁ ଶ୍ରୀକ୍ଷେତ୍ର ପୁରୀରେ ଆଡ଼ପ ମଣ୍ଡପ ବିଜେ ଅବସରରେ ବଡଠାକୁର ବଳଭଦ୍ର ଚାରମାଳ ଉପରେ ପଡ଼ିଯିବା ଘଟଣା ସମଗ୍ର ଜଗନ୍ନାଥ ପ୍ରେମୀଙ୍କୁ ମର୍ମାହତ କରିବା ଘଟଣା ସହ ଅଧିକାଂଶ ସ୍ଥାନରେ ଅଘଟଣ ଓ ଆଜିର ସାଆନ୍ତ ରଥଯାତ୍ରାରେ ଏଭଳି ଅଘଟଣକୁ ଆଗାମୀ ଦିନରେ ମହାବିପତ୍ତି ବୋଲି ଭକ୍ତମାନେ ଚର୍ଚ୍ଚା କରୁଥିବା ଶୁଣିବାକୁ ମିଳୁଛି।

ସାରସକ୍ଷେତ୍ରରେ ବାହୁଡ଼ା ଯାତ୍ରା

ବାରିପଦା, ୧୬/୭ (ନି.ପ୍ର): ଶ୍ରୀଜଗନ୍ନାଥ ପୀଠର ମହାପ୍ରଭୁ ସାରସକ୍ଷେତ୍ରାଧିପତି ପବିତ୍ର ଶ୍ରୀଗୁଣ୍ଡିଚାରେ ଭାଇଭଉଣୀ ସଙ୍ଗେ ନବଦିନ ଯାତ୍ରାରେ ଆସି ମାଉସୀମା' ମନ୍ଦିରରେ ଅବସ୍ଥାନ ପୂର୍ବକ ଆଡ଼ପ ମଣ୍ଡପରେ ବିଜେହୋଇ ଶ୍ରଦ୍ଧାଳୁଙ୍କ ନିତ୍ୟ ପୂଜାନିବେଦନ ଗ୍ରହଣ କରି ମୋହନୀୟ ବେଶରେ ଦର୍ଶନ ଦେଇଥିଲେ। ଶ୍ରୀଜୀଉଗଣଙ୍କ ମାଉସୀମା' ମନ୍ଦିର ରହଣି ସମୟରେ ପ୍ରଭୁଙ୍କ ପ୍ରୀତାର୍ଥେ ଦେଉଳ ସାଂସ୍କୃତିକ ମଞ୍ଚରେ ନୀଳଗିରି ଜଗନ୍ନାଥ ପାଲା ଅନୁଷ୍ଠାନର ପାରମ୍ପାରିକ ପାଲା ଗାୟନ ପ୍ରସ୍